ସ୍ମରଣ କଲ ଭିକାରୀ ଚରଣ

(ଜୀବନ-ସନ୍ଧ୍ୟା ନଇଁ ଆସିଛି । ଯେଉଁ ସୂର୍ଯ୍ୟ ହସି ହସି ପୂର୍ବ ଦିଗରେ ଉଇଁଥିଲ; ପ୍ରାଣଭର ଆଲୁଅରାଶି ବିଞ୍ଚିଦେଇ ଆଜ ପଶ୍ଚିମାକାଶରେ ବୁଡ଼ିଯାଉଛି ।)

ବୁଢ଼ା ଭିକାରୀଟିଏ କୁଡ଼ିଆ ଭିତରେ ବସିଥିଲ । ବେତ ଚଉକି ଉପରେ ଛିଣ୍ଡା ବନା ତିଆରି କନ୍ଥା ଖଣ୍ଡେ ପଡ଼ିଥିଲ । କୁଡ଼ିଆ ତମାମ ଜମିଥିଲ ଅଳିଆ ଦରବର ଭିଡ଼ । ଘାସ, କଅଁଯନ, ବେଣା, କାଇଁଚ, କଡ଼ା, ସବେଇ, ଖଜୁରୀଯନ ଆଦି ଭେଦଭେ ଜିନିଷ । ଯାହାକୁ ଆମେ ଅଳିଆ, ଅସନା ବୋଲି ଭାବୁ ଘୃଣା କରୁଁ; ଫିଙ୍ଗା ଫୋପଡ଼ା କରୁ କିମ୍ବା ଚୂଲି ମୁହଁରେ ଦେଉଁ । ସେଇଥିକୁ ସେ ଦେଇଥିଲ ନୂଆ ରୂପ । ନୂଆ ମାନମର୍ଯ୍ୟାଦା ଆଉ ଅପୂର୍ବ ଆଦର । ଶୁଷ୍କ, ନୀରସ ଉପାଦାନରେ ଯେମିତି ଭରି ଉଠିଥିଲ ଜୀବନ ଓ ସରସତା । ହାତର କାରିଗରୀ କୌଶଳରେ ଗଢ଼ା ସେହିସବୁ ଜିନିଷ ଆଧୁନିକ ବିଜ୍ଞାନର କର୍ମଶାଳରେ ସୃଷ୍ଟି ହୋଇଥିବା ଚକଚକିଆ ଜିନିଷ ସାଥିରେ ଟକ୍କର ଦେଉଥିଲ । ବିଳାସ ବ୍ୟସନ ଭିତରେ ବଢ଼ୁଥିବା ଆଧୁନିକା ନାରୀ ଲୋଭ ଆଉ ଆଦରରେ ସେହି ସବୁ ଜିନିଷ ଆଡ଼କୁ ହାତ ବଢ଼ାଏ ।

ଭିକାରୀଟି ପିନ୍ଧିଥିଲ ମୋଟା ଖଦୀ ଖଣ୍ଡେ । ଗୋଡ଼ରେ ଥିଲ ସସ୍ତା କପଡ଼ରେ ଫିଙ୍ଗା ହୋଇଥିବା ମଠର ଠାକୁର ଆଉ ବାଲିଆ ଘାସ ଉଆଁ ପେଲି ହଲେ । ପାଖରେ ପଡ଼ିଥିଲ ରୋଗୁଏ ଖାଦ୍ୟ

ଅଜ ନକେନ୍ଦ୍ରଖଣ୍ଡ କାଗଜ । ଆଖିରେ ଭଲ ଦେଖାଯାଉ ନ ଥିଲା । ସମସ୍ତ ସମୟରେ ବୁଢ଼ା ସେଗୁଡ଼ିକୁ ଦଗଣ୍ଡି ଦେଉଥିଲା । ମନ ଭିତରେ ଯେତେବେଳେ ଭାବନାର ଲହରୀ ଉଠୁଥିଲା, ସେ ଛାତି କଲମଟିରେ କେତେ କ'ଣ ଗାରେଇ ଯାଉଥିଲା । ତାକୁ କେହି ପଢ଼ି ପାରୁ ବା ନ ପାରୁ ସେଥିପ୍ରତି ତାର ନଜର ନ ଥିଲା । ତାକୁ କେହି ଜାଣୁ ବା ନ ଜାଣୁ ସେଥିପ୍ରତି ତା'ର ଖୋଚନା ନ ଥିଲା । ବୁଢ଼ାର ମନରେ ସ୍ମୃତିର ବିପୁଳ ସମାବେଶ; ଦେହରେ ବୟସର ଦାଗ, ପଛରେ ଅତୀତର ଆଶା ନିରାଶା ଜଡ଼ିତ କଥା । ଆଗରେ ଧୂଆଁଳିଆ ଅନାଗତ ବନ୍ଧନରୁ ପରିତ୍ୟକ୍ତ, କଳା ଅଲଙ୍କୁ ଲଗା ଭଙ୍ଗା ଅଥଚ ପ୍ରିୟ ବାଡ଼ିଟିକୁ ବୁଢ଼ା ସାଉଁଟି ଧରି ଏହାର କ୍ଷୀଣ ତାରରେ ନିଜର ଶୀର୍ଣ୍ଣ ଅଙ୍ଗୁଳିର ପରଶ ଦେବାକୁ ଅଗଣର ଦେଉଥିଲା । ସେଥିରୁ ଯେଉଁ କରୁଣ ମୂର୍ଚ୍ଛନା ତୋଳି ଉଠୁଥିଲା, ତାହା ନିଜ ଅନ୍ତରର ଅଭିବ୍ୟକ୍ତି ମାତ୍ର । ଏହିପରି ଦୁଃଖମୟ ଓ କର୍ମମୟ ଜୀବନର ଗୋଧୂଳି ବେଳାରେ ସେହି ଭିକାରୀଟି ସହିତ ମୋର ପ୍ରଥମ ସାକ୍ଷାତ ।

ଏହି ଭିକାରୀଟି କିଏ ? ସେ ହେଉଛନ୍ତି ଆମର ଜାତିମୂର୍ତ୍ତି ସ୍ୱର୍ଗୀୟ ଭିକାରୀ ଚରଣ ପଟ୍ଟନାୟକ । ଗାଁ ଗହଳର ଲୋକ, ଶୋଷୀ ଓ ଶୋଷିତଙ୍କ ପାଇଁ ସେ ପ୍ରାଣପାତ ପ୍ରଚେଷ୍ଟା କରିଥିଲେ । ଓଡ଼ିଶାର ପ୍ରାଚୀନ ଗୌରବ ଫେରାଇ ଆଣିବାକୁ; ଓଡ଼ିଆ ଜାତିର ହସ୍ତପାଟବର ନୂତନ ମୂଲ୍ୟାଙ୍କନ ନିମିତ୍ତ ସେ ପୁରପଲ୍ଲୀର କୋଳରେ କୁଟୀରଶିଳ୍ପର ଅଭ୍ୟୁଦୟ ଘଟାଇଥିଲେ । ସେ ଜାଣିଥିଲେ ଶିଳ୍ପପ୍ରାଣ ଦରିଦ୍ର ଓଡ଼ିଆ ଏହି ମାଧ୍ୟମରେହିଁ ତାର ଭାଗ୍ୟ ପୁନର୍ଗଠନ କରିପାରିବ । ଅତୀତର କଥା । ସେତେବେଳେ

ବିଦେଶୀ ଶାସନ-ଚକ୍ର ତଳେ ନିଷ୍ପେଷିତ ହୋଇ ଗାଁ ଗଣ୍ଡାର ଲୋକମାନେ ଦୁଃଖ ଦୈନ୍ୟରେ ସଢ଼ୁଥିଲେ । ବିଦେଶୀ ଶାସନର କୁଟବୁଦ୍ଧି ଓଡ଼ିଆ ଜାତିର ପାରମ୍ପରିକ ଶିଳ୍ପକଳା ଓ ବିଭବର ବିଲୟ ସାଧନ କରିଥିଲା । ଭିକାରୀଚରଣ ଅତି ଶିକ୍ଷିତ ହୋଇଥିଲେ ମଧ୍ୟ ସେତେବେଳର ଆକର୍ଷଣୀୟ ସରକାରୀ ଚାକିରୀ ଅଥବା ତା' ସହିତ ଅଯାଚିତ ମାନ ସମ୍ମାନରେ ଜଳାଞ୍ଜଳି ଦେଇ କୁଟୀରଶିଳ୍ପର ଗବେଷଣା ଓ ବିକାଶରେ ମନୋନିବେଶ କରୁଥିଲେ । କିନ୍ତୁ ସେ ତାଙ୍କର ଉଚ୍ଚାଭିଳାଷ ପୂରଣ କରି ନ ପାରି ଅତ୍ୟନ୍ତ ବ୍ୟଥିତ ହୋଇଥିଲେ । ୧୯୫୮ ମସିହାରେ ତାଙ୍କୁ ଯେତେବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ "ଡକ୍ଟର" ଉପାଧି ପ୍ରଦାନ କରାଗଲା, ସେ "ଅବସାଦ ବାର୍ତ୍ତା" ଶୀର୍ଷକ ଏକ ପୁସ୍ତିକା ରଚନା କରିଥିଲେ । ବିଶ୍ୱବିଦ୍ୟାଳୟ-ପ୍ରଦତ୍ତ ଏହି ଉଚ୍ଚ ସମ୍ମାନରେ ଭିକାରୀ ଚରଣ ଆନନ୍ଦିତ ହୋଇ ନ ଥିଲେ । ବରଂ ଅତୀତ ଜୀବନର ବ୍ୟର୍ଥତା, ତିକ୍ତ ଅନୁଭୂତି ଏହାଦ୍ୱାରା ପୁନରୁଜ୍ଜୀବିତ ହୋଇ ଉଠିଥିଲା । (ଭଗ୍ନ ବୀଣାର ଶୀର୍ଣ୍ଣ ତାରରେ ଅନ୍ତରର ବ୍ୟଥାଭରା ରାଗିଣୀ ବାଜି ଉଠିଛି,

"କାନ୍ଦୁଛି ମୋ କାଳ ଶୁଣିଲେ ଶୁଣିବ
    ମୋ ପରି ଅଭଗା ନାହିଁ ଦେଶରେ,
ବେଦନା ଭିତରେ ଉପାଧି ଭୂଷଣ
    ଖସିଯିବ ସିନା ଅଶ୍ରୁ ଲହରେ ।")

ସ୍ୱର୍ଗୀୟ ଭିକାରୀ ଚରଣ ତାଙ୍କର ମହାନ୍ ଉଦ୍ୟମରେ ଜାତି ଠାରୁ ପୂର୍ଣ୍ଣ ସହଯୋଗ ଓ ଉତ୍ସାହ ପାଇ ପାରି ନ ଥିଲେ । ଅନେକେ ତାଙ୍କପ୍ରତି ବିଶ୍ୱାସଘାତକତା କରିଥିଲେ । ଅବଶ୍ୟ ସରଳ ଦରିଦ୍ର ଗ୍ରାମବାସୀମାନେ ଅତି ଆଗ୍ରହରେ ଏହି ଶିଳ୍ପ ଶିକ୍ଷା କରି

ଉପକୃତ ହୋଇଥିଲେ । ସୁଲଭ ଓ ଶସ୍ତା ଉପାଦାନରେ ଅନେକ ପ୍ରକାର ସୁନ୍ଦର ବ୍ୟବହାର୍ଯ୍ୟ ବସ୍ତୁ ପ୍ରସ୍ତୁତ ହୋଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କଲା । ଏପରିକ ଓଡ଼ିଶା ବାହାରେ ଓଡ଼ିଶାର କୁଟୀରଶିଳ୍ପ ସୁନାମ ଅର୍ଜନ କଲା ଏବଂ ବିଦେଶୀ ସରକାରଙ୍କ ସୁଦୃଷ୍ଟି ଏଥିପ୍ରତି ଆକୃଷ୍ଟ ହେଲା; କିନ୍ତୁ କେତେକଙ୍କର ଦୁର୍ବୁଦ୍ଧି ଯୋଗୁଁ ଏହି ଶିଳ୍ପ କ୍ରମେ ଅଧଃପତିତ ହେଲା । ଗରିବଦୁଃଖୀଙ୍କ ପାଇଁ ସେ ଆଶାନୁରୂପ କିଛି କରି ନ ପାରି ବିଶେଷ ସନ୍ତପ୍ତ । ଯେଉଁମାନଙ୍କ ପାଇଁ କିଛି କରିପାରିବାର ଆଶା ରଖି ଓକିଲାତି ପରି ଅର୍ଥ ଏବଂ ସମ୍ମାନଜନକ ବ୍ୟବସାୟରେ ଜଳାଞ୍ଜଳି ଦେଇ ଶିଳ୍ପ କ୍ଷେତ୍ରକୁ ସେ ଆଗେଇ ଆସିଥିଲେ, ସେମାନଙ୍କ ପାଇଁ ସେପରି କିଛି କରିବାକୁ ଅସମର୍ଥ ହୋଇଥିବାରୁ ନିଜ ଜୀବନ ବ୍ୟର୍ଥ ହେଲା ବୋଲି ସେ ଭାବୁଛନ୍ତି । ଯେଉଁ ଅନୁଷ୍ଠାନ (**Orissa Poor Industry Collage**)ଟି ଏହି ଉଦ୍ଦେଶ୍ୟରେ ଗଢ଼ି ଉଠିଥିଲା, ତାହା ଆଜି ମୁମୂର୍ଷୁ । ସେ ତେଣୁ ଗାଉଛନ୍ତି :—

"ଆମ ଦେଶର ଆମ ଗରିବଙ୍କର
ଦିନ ଦଶା ଦେଖି   ପିଲଟି ଦିନରୁ
ଧାଣ୍ଡି ହେଉଥିଲା ମନ ମୋହର ।

ତାଙ୍କର ସେବାରେ ଖଟିବାପାଇଁ
ବଡ଼ ହେଲା ପରେ   ମନ ଦୃଢ଼ କରି
ଲଗାଇଥିଲି ଆସି ମୁଁ ଧାଇଁ ।

ଥିଲି ଆଗେ ଭଲ ଓକିଲାତି ଧନ୍ଦାରେ
ମନର ନ ବୁଝି   ମନକୁ ମନାଇ
ପଶିଗଲି ଆସି ଏଇ ଧନ୍ଦାରେ ।"

ସାଧାରଣ ଜନତା ସ୍ତବ୍ଧ ହୁଏ । କିନ୍ତୁ ସ୍ୱାଧୀନତା ଆନ୍ଦୋଳନ-ବେଳେ ନେତାମାନଙ୍କ ମନରେ ଯେଉଁ ପ୍ରକାର କାର୍ଯ୍ୟତା, ନିଷ୍ଠା, ନିସ୍ୱାର୍ଥପରତା ଓ ସେବା ମନୋବୃତ୍ତି ଥିଲା, ତାହା ଆଜି ଅପହୃତ ହୋଇଛି । ନିଜ ଦଳର ଶକ୍ତି ବଢ଼ାଇବା, ନିଜର ସୁଖ ସୁବିଧା ହାସଲ କରିବା ପାଇଁ ତୀବ୍ର ପ୍ରତିଯୋଗିତା କରିବା ବର୍ତ୍ତମାନ ମୂଳ ହେଲାଣି । ଏହି କାରଣରୁ କର୍ମକୁଶଳ ଗୋଷ୍ଠୀରେ କର୍ମପ୍ରୀତି, ସାଧୁତା ଓ ଆନ୍ତରିକତା ନାହିଁ ଏବଂ ଅସଙ୍ଗତିର ବିକଟ ରୂପ ସମାଜକୁ ଗ୍ରାସ କରୁଛି । ଜଳସେଚନ କାର୍ଯ୍ୟରେ କୋଟି କୋଟି ଅର୍ଥ ଖର୍ଚ୍ଚ ହେଉଛି; ଅଥଚ ଆଖିଜଳକୁ କିଛି କମାଇପାରୁନାହିଁ । କବି ତେଣୁ ବ୍ୟଙ୍ଗ କରି କହିଛନ୍ତି—

"କେ ଜାଣେ ଏମନ୍ତେ ଟଙ୍କା ଝଡ଼ିବ
ଟଙ୍କାଗୁଡ଼ା କେଉଁଠି ରଙ୍କା ବାଟ ମାଡ଼ି
ଗଡ଼ନ୍ତି ଆଡକୁ ଅଟେ ଗଢ଼ିବ ।"

ଆଜିକାଲି କୁଟୀରଶିଳ୍ପ ଓ ହସ୍ତଶିଳ୍ପ ନାମରେ କୋଟି କୋଟି ଟଙ୍କା ଶ୍ରାଦ୍ଧ ହେଉଛି । କଳକାରଖାନା ପରିପ୍ରେକ୍ଷୀରେ ହସ୍ତଶିଳ୍ପର ଆବଶ୍ୟକତା ଓ ଉପାଦେୟତା ଆଜି ବଡ଼ ବଡ଼ ଅର୍ଥନୀତିବିଦ୍ ଓ ସମାଜସେବୀ ପଞ୍ଚବାର୍ଷିକ ଯୋଜନାରେ ସ୍ୱୀକାର କରୁଛନ୍ତି । ମହାତ୍ମାଗାନ୍ଧି ଏହାପାଇଁ ଆଜୀବନ କାର୍ଯ୍ୟ କରି ଆସିଥିଲେ; କିନ୍ତୁ ଏମାନଙ୍କ ବହୁ ପୂର୍ବରୁ କୁଳବୃଦ୍ଧ ପ୍ରତିଭାଶାଳୀ ମଧୁସୂଦନ ହସ୍ତଶିଳ୍ପର ଜୀବନ୍ୟାସ ଓ ପୁନରୁତ୍ଥାନ ପାଇଁ ଅଦମ୍ୟ ଉଦ୍ୟମ କରିଥିଲେ । ଏହି ମହାପୁରୁଷଙ୍କ ପଦାଙ୍କ ଅନୁସରଣ କରିବା ସଙ୍ଗେ ସଙ୍ଗେ ଉତ୍କଳ ଚରଣ ସ୍ୱାବଲମ୍ବୀ ବୁଦ୍ଧି, ଜାତୀୟତା ଶକ୍ତି ଓ ସ୍ୱଦେଶ-ପ୍ରୀତି ଦ୍ୱାରା ଅନୁପ୍ରେରିତ ଓ ପରିଚାଳିତ

ଏଥିପରେ ଆହତ ହୋଇଛନ୍ତି କବିଙ୍କର ଉଚ୍ଚ ଜୀବନଦର୍ଶନ । ଅନେକ ନେତୃସ୍ଥାନୀୟ ବାକ୍ୟବୀରଙ୍କର ନିଶ୍ଚେଷ୍ଟତା, ସ୍ୱାର୍ଥପରତା, ନିଷ୍ଠାଭାବ ଓ ଛଳନା ଏହି କର୍ମବୀର ନିଷ୍ଠାପର ଜାତୀୟ ସାଧକଙ୍କୁ ଅପାର ବେଦନା ଦେଉଛନ୍ତି । ଏହିସବୁ ଦୁର୍ଗୁଣ ଓ ଦୁର୍ଗତି ଯୋଗୁଁ ଜାତି ଆଜି ଆଶାଜନକ ଭାବରେ ଅଗ୍ରସର ହୋଇପାରୁନାହିଁ । ଚତୁର୍ଦ୍ଦିଗରେ ସାମନ୍ତବାଦୀ ମନୋବୃତ୍ତି ଓ ଅତ୍ୟାଚାର ପ୍ରସର ଲଭିଛି । ସ୍ୱାର୍ଥପରତା ଓ ପ୍ରିୟାପ୍ରୀତି ତୋଷଣ ଘନୀଭୂତ ହୋଇ-ଗଲାଣି । କବି ଏସବୁ ଦେଖି ନୀରବ ଓ ନିସ୍ତବ୍ଧ ।

✓''ଦହି ହେଉଅଛି ଦେଖି ଅନ୍ତର
ସହି ହେଉନାହିଁ କହି ହେଉନାହିଁ
ଗୁହିଁ ଗୁହିଁ ରହିଅଛି ମାତର ।''

(ଦେଶପ୍ରୀତି ନାମରେ ଆଜି ଭଣ୍ଡାମି ଚାଲିଛି, ଜାତି-ମଙ୍ଗଳ ନାମରେ ଆତ୍ମମଙ୍ଗଳ ପାଇଁ ପ୍ରାଣମୂର୍ଚ୍ଛା ଯତ୍ନଚେଷ୍ଟା ।) ଶାନ୍ତି ଭଲା, ଧର୍ମ ଓ ଭ୍ରାତୃଭାବ, ଯେଉଁଥିରେ ଏ ମହାଜାତିର ଅନ୍ତର୍ନିହିତ ପ୍ରାଣସତ୍ତା ଆତ୍ମପ୍ରକାଶ କରିଥିଲା, ତା'ର ବିକାଶ ସାଧନ ହୋଇପାରୁ ନାହିଁ । ମହାତ୍ମାଗାନ୍ଧିଙ୍କ ନୀତି ନାମରେ ଦେଶରେ କେବଳ ଶଠତା, ନୀତିହୀନତା ବ୍ୟାପି ଯାଉଛି । ତେଣୁ କବି ଗାଇଛନ୍ତି :—

''ଜାତି ଉଠାଇବା ବୋଲି ଛନ୍ଦରେ
ଶୁଣି ଶୁଣି ମନୁ ଭଣ୍ଡିବା ଭିଆଣ
ଦଣ୍ଡ ହେବା ଦେଖି ଏବେ ଦାଣ୍ଡରେ ।''

ଆମର ସ୍ୱାଧୀନ ଦେଶରେ ଯୋଜନା ପରେ ଯୋଜନାର ଆବିର୍ଭାବ ଓ ପରିସମାପ୍ତି ଘଟୁଛି । ଯୋଜନାର ଦୋଡ଼ା ଦୌଡ଼ ଦେଖି

ଜାତକୁ ନିଷ୍ଟୟ ମହାନ୍ କରି ତୋଳିବ । ଅଦୂର ଭବିଷ୍ୟତରେ ସୁଖ-ସମୃଦ୍ଧିର ସ୍ଫୂର୍ତ୍ତି ହସିଉଠିବ । ତା'ର କାରଣ ଓ ସମ୍ଭାବନା ଆମର ଜାତିପ୍ରାଣ ଭିକାରୀ ଚରଣଙ୍କୁ ଅଛପା ନାହିଁ । ସେ ଜାଣିଛନ୍ତି—

"ବାପ ଅଜାଙ୍କର ଶିଳ୍ପ ଶକତ
ଲୁଚି ଲୁଚି ଅଛୁ ଜାତି ରକତରେ
ଫୁଟିବ ଫେରିଲେ ଆମରି ମତ ।"

ଭିକାରୀ ଚରଣଙ୍କ ଜୀବନ ଓ କାର୍ଯ୍ୟକଳାପ ଉପରେ ଜାତି-ପିତା ମଧୁସୂଦନଙ୍କ ମନ୍ତବ୍ୟ ଓ ପରାମର୍ଶ କେତେଦୂର ସରସ ଓ ମଧୁମୟ, ତାହା ନିମ୍ନଲିଖିତ ଗୋଟିଏ ପତ୍ରର ଉଦ୍ଧୃତରୁ ସ୍ପଷ୍ଟ ହେବ ।

Mission Road, Cuttack
9th February, 1933

My dear Bhikari Babu.

I prefer to call you by the name Bhikari without your title Rai Saheb. When naming you "Bhikari" your parents had a prophetic insight into the activities to which you have devoted yourself for improving the means of livelihood of the poor people of Orissa. The first thing necessary in any attempt to improve the earning of poor people is to realise the [illegible] a genuine sympathy for the poor people

ହୋଇଥିଲେ । ଶସ୍ତା ଓ ସହଜଲଭ୍ୟ ଉପାଦାନକୁ ନେଇ ନବ ଉଦ୍ଭାବିତ ଉପକରଣ ସାହାଯ୍ୟରେ ସେ ମୂଲ୍ୟବାନ ଓ ସୁନ୍ଦର ସୁସଜ୍ଜ ଦ୍ରବ୍ୟ ଉତ୍ପାଦନ କରିବାର ବ୍ୟବସ୍ଥା କରିଥିଲେ । ଏଥିଯୋଗୁଁ ବିଦେଶୀ ସରକାରଙ୍କଠାରୁ ସମ୍ମାନ ଓ ପ୍ରତିଷ୍ଠା ପାଇଥିଲେ ମଧ୍ୟ ଜାତୀୟ ସରକାରଙ୍କଠାରୁ ଆଶାନୁରୂପ ଉତ୍ସାହ ନ ପାଇ ବ୍ୟଥିତ ହୋଇଛନ୍ତି ଓ ଗାଇଛନ୍ତି—

"ମୋହର ଧଇଙ୍କ ଠାରେ ମୁଁ ପର
ଥାଉଁ ଥାଉଁ ଏବେ ହେଉଛି ହରବର
କା'ଠାରୁ ଖୋଜିବି କେଉଁ ଆଦର । × ×

କାମଧାମ ଯାହା ଖଣ୍ଡିଆ ଭଳି
ଗୁଡ଼ାଇବ ତାଙ୍କୁ ପୋଡ଼ ନ ପକାନ୍ତୁ
ଏତିକି ମାଗୁଣି ଖାଲି ମୋହର ।"

ଏହା ହେଉଛି କଂସାରୀ ଭିକାରୀ ଚରଣଙ୍କର ମର୍ମବାଣୀ ପ୍ରଚୁର ତ୍ୟାଗ ଓ ନିଷ୍ଠାରେ ପ୍ରତିଷ୍ଠିତ ଶିଳ୍ପସଂସ୍ଥା କେବେ ଅବହେଳିତ ଓ ବିଧ୍ୱସ୍ତ ନ ହେଉ, ଏଥିପାଇଁ ଜୀବନ ସନ୍ଧ୍ୟାରେ ତାଙ୍କର ଏତେ ଶଙ୍କାକୁଳ ନିବେଦନ । ବର୍ତ୍ତମାନ ସେ ଆଉ ନାହାନ୍ତି; କିନ୍ତୁ ଜାତି ପ୍ରତି ତାଙ୍କର ଅବଦାନ ସମସ୍ତେ ହୃଦୟଙ୍ଗମ କରନ୍ତୁ ଏବଂ କଂସାରୀଙ୍କ ଅକ୍ଳାନ୍ତ ଶ୍ରମ, ଅଧ୍ୟବସାୟ ଓ ଗବେଷଣାପ୍ରସୂତ କୃତିଗୁଡ଼ିକରେ ବୁଦ୍ଧିମନ୍ତ ତାଙ୍କର ଶିଳ୍ପାନୁଷ୍ଠାନଟି ଏକ ସ୍ମାରକ ସଂଗ୍ରହାଳୟ ରୂପେ ପ୍ରତିଷ୍ଠିତ ହେଉ, ଏହା ଜାତି ତଥା ସରକାରଙ୍କଠାରେ ଆମର ହାର୍ଦ୍ଦିକ ନିବେଦନ ।

ଆମ ଜାତିର ସହଜାତ ପାରମ୍ପରିକ କ୍ଷେତ୍ର ଶିଳ୍ପ ଓ କଳାର ଅନ୍ତର୍ନିହିତ । ଭବିଷ୍ୟର ଆଶା ଅଛି, ସେହି କ୍ଷେତ୍ରର ସଦ୍‌ବ୍ୟବହାର

ସ୍ଥାପନ କରି ଅବଶେଷରେ ଅଧମର୍ଣ୍ଣ (bankrupt) ହୋଇଥିଲେ । ଯେ କାତର ଯନ୍ତ୍ରବେଦୀରେ ଯୂପକାଠି ହୋଇ ନିଃଶେଷ ହୋଇଥିଲେ, ସେହିଁଲୋକ ସର୍ବଦା କହୁଥିଲେ,— " ଆନେ ସହି, ଆପଣା ମହତ୍ୱ ଆପେ ରହି " । କାତର ମାନ ମର୍ଯ୍ୟାଦା ବଢ଼ାଇବା ଯାହାର ଜୀବନର ମୂଳମନ୍ତ୍ର ଥିଲା, ସେ ପୁଣି କହୁଛନ୍ତି—"ଓଡ଼ିଶାର ଶିଳ୍ପୋନ୍ନତି ପାଇଁ ମୋର ପ୍ରଚେଷ୍ଟା ସମ୍ପୂର୍ଣ୍ଣ ବିଫଳ ହୋଇଛି ଏବଂ ମୋତେ ଦାଣ୍ଡର ଭିଖାରି କରାଇଛି ।" ମଧୁସୂଦନଙ୍କ ମର୍ମବାଣୀ ଏଥିରେ ଅଭିବ୍ୟକ୍ତ ହୋଇଛି । ଏହାପରେ ଗୋଟିଏ "ଭିକାରି" ଅନ୍ୟ ଏକ "ଭିକାରି" ପ୍ରତି ସହାନୁଭୂତି ଜଣାଇଛନ୍ତି ଏବଂ କାତର ସେହି ବିପଦସଙ୍କୁଳ ପଥରେ ସାବଧାନ ହୋଇ ଚାଲିବାକୁ ପରାମର୍ଶ ଓ ଆଶୀର୍ବାଣୀ ଶୁଣାଇଛନ୍ତି । ଯେଉଁ ନୂତନ ଶିଳ୍ପୀର ଭବିଷ୍ୟତ ଦୁଃସ୍ଥ ହେବନାହିଁ ବୋଲି ମଧୁସୂଦନ ଆଶା କରିଥିଲେ, ତାହା ଆଶଙ୍କାରେ ପରିଣତ ହୋଇଛି । କାତର ଦିଗ୍‌ଦର୍ଶକଙ୍କ ନିର୍ଦ୍ଦେଶରେ ଭିକାରୀ ଚରଣ ନିଜକୁ ଦୀନ ଦରିଦ୍ର ଦେଶବାସୀଙ୍କ ଅବସ୍ଥାରେ ରଖିଥିଲେ ଏବଂ କୁଟୀର ଶିଳ୍ପ ମାଧ୍ୟମରେ ଦେଶର ସମୃଦ୍ଧି ପାଇଁ ଆପ୍ରାଣ ଚେଷ୍ଟା କରି ଆସିଥିଲେ । ଦୁଃସ୍ଥମାନଙ୍କ ପ୍ରତି ଦରଦୀ ହୋଇ ସେ ମଧ୍ୟ ଅନ୍ତିମ ଜୀବନରେ "ଭିକାରି" ହୋଇଥିଲେ । ତେଣୁ ସେ ଗାଇଛନ୍ତି—

"ହେବାକୁ ଗରିବ ତାଙ୍କ ସଙ୍ଗରେ
ସହଜେ ବୁଝିଲି କି ଦୁଃଖ ତାଙ୍କର
ଭୋଗି ଦୁଃଖ ଦଶା ନିଜ ଅଙ୍ଗରେ ।"

ଏହା ହେଉଛି କବି-ଶିଳ୍ପୀଙ୍କର ଅଙ୍ଗଲଗା ଅନୁଭୂତି । ସେ ଜୀବନ ସନ୍ଧ୍ୟାରେ ପସାର-ସଉଦା ସାରି ଫେରିବାବେଳେ ନିଜକୁ

one must place himself in the daily trials of their life regardless of their consequences which an attempt to improve their economic condition might effect you × × ×. I have been really struck with your sincere sympathy and your strenuous efforts to improve their economic condition. You ask me to write something on the Visitor's Book. I should not be justified in doing so, for you know my efforts to improve the industries of Orssa proved a perfect failure, bringing me to the position of a street beggar. I do hope you will not meet with the failure that I met. Your present position requires something more than mere expression of appreciation of your virtue. × × × × May god bless you with success is the sincere prayer of yours very sincerely.

Sd. M. S. Das.

ଏହି ଅମୂଲ୍ୟ ଚେଳପିଣ୍ଟି ବାସ୍ତବରେ ଜାତିପାଇଁ ଗୋଟିଏ ବିଶିଷ୍ଟ ରେଖାବଳୀ । ଏଥିରେ ଅଭିବ୍ୟକ୍ତ ହୋଇଛନ୍ତି ଜଣେ ସହାନୁଭୂତିଶୀଳ ବ୍ୟଥାତୁର ଜନନାୟକଙ୍କର ନିଜ ଅଭିଜ୍ଞତାପ୍ରସୂତ ଉପଦେଶ ଓ ନିର୍ଦ୍ଦେଶ, ଅନ୍ୟ ଏକ ଉଦୀୟମାନ ଦେଶସେବୀଙ୍କ ଧନ ।

ପୁଣ୍ୟଶ୍ଳୋକ ମଧୁସୂଦନ କୋଟି କୋଟି ଟଙ୍କା କମାଇ ସୁଦ୍ଧା ଉତ୍କଳ ଟ୍ୟାନେରୀ, ଓଡ଼ିଶା ଆର୍ଟୱାର୍କ୍ସ ଭଳି ପ୍ରଭୃତି ଅନୁଷ୍ଠାନ

ବ୍ୟଙ୍ଗାତ୍ମକ ଓ ଲଘୁ ହାସ୍ୟରସର ପ୍ରୟୋଗ, ନାଟକ ଓ ପ୍ରହସନ-ଗୁଡ଼ିକୁ ଅତୀବ ମର୍ମସ୍ପର୍ଶୀ ଓ ପୁଷ୍କଳ କରି ତୋଳିଛି । ଏଗୁଡ଼ିକରେ ପ୍ରକାଶ ପାଇଥିବା ନୀତିବାଦ, ଧର୍ମଦୃଷ୍ଟି ଓ ସୂକ୍ଷ୍ମ ବିଚାର ଚିରନ୍ତନ ଓ ମନୋରମ ।

ଏହା ବ୍ୟତୀତ କବିଙ୍କର କବିତାଗୁଡ଼ିକ ଉଲ୍ଲିଖିତ ଲକ୍ଷଣାକ୍ରାନ୍ତ ହେବା ସଙ୍ଗେ ସଙ୍ଗେ ତତ୍କାଳୀନ ଓ ଆଧୁନିକ ସମାଜର ଅନ୍ୟାୟ ଅତ୍ୟାଚାର, କୁସଂସ୍କାର, ଅନ୍ଧବିଶ୍ୱାସ ଓ ଛଳନା ଆଦି ଭଣ୍ଡାମି ବିରୁଦ୍ଧରେ ଶାଣିତ ବ୍ୟଙ୍ଗବାଣ ରୂପେ ବ୍ୟବହୃତ ହୋଇଛି । "ସ୍ୱଦେଶ ଦର୍ପଣ" ଶୀର୍ଷକ କବିଙ୍କର ଗୋଟିଏ କବିତା ସଙ୍କଳନର ମୁଖବନ୍ଧରେ ବିଶିଷ୍ଟ ସାହିତ୍ୟିକ ଚିନ୍ତାମଣି ପଟ୍ଟନାୟକ ଯଥାର୍ଥରେ କହିଛନ୍ତି—"କି କବି, କି ଗୋଷ୍ଠୀ, କି ସମାଜ କେହି ତାଙ୍କ ନିର୍ଦ୍ଦୟ କଷାଘାତରୁ ନିଷ୍କୃତି ପାଇନାହାନ୍ତି । ଆମ ଦେଶର ଇଂରେଜୀ ପଢୁଆମାନେ ବ୍ୟଙ୍ଗ କବିତା ବିଷୟ କହିଲବେଳକୁ ଇଂଲଣ୍ଡର କବି ପୋପ୍ ଓ ଆଡ଼ିସନ୍‌ଙ୍କ ବିଷୟରେ ବଡ଼ାଏ କଥା କହିବେ । ସ୍ୱଦେଶର ଏ ଭିକାରୀଚରଣ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଦୃଷ୍ଟିକୁ ଆସିବ ନାହିଁ । ଭିକାରୀଚରଣଙ୍କ ବ୍ୟଙ୍ଗ କବିତାବଳୀ ଓ ସଙ୍ଗ୍ରହକୁ ପଢ଼ିସାରିଲା ପରେ ମୋର ମନେହୁଏ ଯେ, ସେ ଏକାଧାରରେ ଓଡ଼ିଶାର ପୋପ୍ ଓ ଆଡ଼ିସନ ।")

ବାସ୍ତବରେ ବ୍ୟାସକବି ଫକୀରମୋହନଙ୍କୁ ଛାଡ଼ିଦେଲେ ଭିକାରୀଚରଣ ହେଉଛନ୍ତି—ଅଦ୍ୱିତୀୟ ବ୍ୟଙ୍ଗକାର (Satirist) । ଜାତିର ଦେହରେ ଥିବା କ୍ଷତ ଓ ବିଥକୁ ସେ ସଫଳ ଅସ୍ତ୍ରୋପଚାର କରିବାକୁ ଇଚ୍ଛା କରିଥିଲେ । ସେ ତତ୍କାଳୀନ ସାମାଜିକ

"ଅବସାଦ ବାଣୀ"ରେ ହୃଦୟର ନିରାଶ ଜଣାଇଛନ୍ତି । ବିଗତ ଜୀବନର ଅଶ୍ରୁଳ ସ୍ମୃତି ଚେଇଁଉଠିଛି । ମନର କଥା ପ୍ରକାଶ କରିବାକୁ ଭାଷା ପାଇ ନାହାନ୍ତି । ଅନ୍ୟ ଆଗରେ ମର୍ମବେଦନା ପ୍ରକାଶ କଲେ ଏହା ଲଘବ ହୁଏ । ଏହି ଆଶାରେ ସେ ଗାଇଛନ୍ତି—

"ମରିବା ଆଗରୁ ମର୍ମ କଥା
ପଦେ ଅଧେ ଖାଲି କହି ପକାଇଲି
ମରିବା ପାଇଁ କି ମନର ବ୍ୟଥା ।"

ଏହି ବିଦଗ୍ଧ ଆତ୍ମାର ପ୍ରତିଧ୍ୱନି ପ୍ରତି ଜାତି କର୍ଣ୍ଣପାତ କରୁ ଏବଂ ଏହି ଅମର ଅବିସ୍ମରଣୀୟ ଜୀବନରୁ ମହାନ୍ ଶିକ୍ଷାଲାଭ କରି ଜାତି ତା'ର ପ୍ରଗତି-ପଥ ନିର୍ଦ୍ଧାରଣ କରୁ, ଏହା ଆଶା ଓ ଅନୁରୋଧ ।

ଗୁରଣକବି ଭିକାରୀଚରଣ ପଟ୍ଟନାୟକ କଲେଜରେ ଅଧ୍ୟୟନ କରିବା ସମୟରୁ ବହୁତ ନାଟକ, କାବ୍ୟ, କବିତା ଲେଖି ଦେଶବାସୀଙ୍କ ମନରେ ଜାତୀୟତାର ଜାଗୃତି ପାଇଁ ଜାତିର ମୁମୂର୍ଷୁ ଜୀବନରେ ନୂତନ ପ୍ରାଣସ୍ପନ୍ଦନ ଖେଳାଇ ଦେବାପାଇଁ ଚେଷ୍ଟା କରିଥିଲେ । ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଏହି କବି ପ୍ରଥମେ 'କଟକ ବିଜୟ', 'ସଂସାରଚକ୍ର', 'ସୁଶୀଳା', 'ରତ୍ନମାଳା', 'ରାଜା ପୁରୁଷୋତ୍ତମ', 'ନନ୍ଦକେଶ୍ୱରୀ' ପ୍ରଭୃତି ନାଟକ ଓ 'ଶ୍ରେଷ୍ଠ ଭିକାରୀ', 'ଯୌତୁକ' ପ୍ରଭୃତି ଅନେକ ପ୍ରହସନ ଲେଖି ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲେ । ସେଗୁଡ଼ିକରେ ଲେଖକଙ୍କର ସଂସ୍କାରଲିପ୍ସା ଓ ଜାତୀୟତା ଅମର ଓ ଅପୂର୍ବ ଭାବରେ ଅଭିବ୍ୟକ୍ତ । ନାଟ୍ୟକାରଙ୍କ ସ୍ୱକୀୟ ଶୈଳୀ, ମୌଳିକ ଦୃଷ୍ଟିକୋଣ, ସରଳ, ସରସ ଭାଷା,

ଅଧୋଗତିର ନିଖୁଣ ରୂପାୟନ ଦେଇ, ତାରି ମାଧ୍ୟମରେ ଏହି ଅଧୋଗତିର କର୍ତ୍ତାମାନଙ୍କୁ ଅସହ୍ୟ ବ୍ୟଙ୍ଗବିଦ୍ରୂପ କରିଛନ୍ତି । ତାଙ୍କର ଅନ୍ତରାତ୍ମା ଦେଶର ଏ ଦୁର୍ଗତିରେ ବ୍ୟଥିତ ହୋଇ ହା ହା କାର କରି ଉଠିଛି । ତଥାକଥିତ ଜାତନେତା ଓ ସମାଜ-ପଣ୍ଡାମାନଙ୍କ ପିଠିରେ ଚାବୁକ୍ ପିଟି ଚୈତନ୍ୟୋଦୟ କରିବାକୁ ସେ ଜଣେ ନିର୍ଭୀକ ବ୍ୟଙ୍ଗକାର ଭାବରେ ଚିର ଅବିସ୍ମରଣୀୟ ହୋଇ ରହିବେ । ଲେଖକଙ୍କର ଏହି ଯୁଗାନ୍ତକାରୀ କୃତିଗୁଡ଼ିକୁ ଅଧ୍ୟୟନ କରି ଜାତିପିତା ମଧୁସୂଦନ ଦାସ ତାଙ୍କୁ ଅଭିନନ୍ଦନ କରିବାକୁ ଯାଇ ତା ୧୬।୬।୧୭ ମସିହାରେ ଏକ ପତ୍ରରେ ଲେଖିଥିଲେ "Your books aim at removing some of the evils, which have crept into the present social life of Orissa. × × × Viewed from this stand point your authorship has valuable and timely mission—your quaint humour has an attraction altogether its own. There is an under-current of sarcasm and ridicule in some of your books, which on this stage, ought to prove powerful help to earnest worker of social reform." ପ୍ରକୃତରେ ସମାଜର ଦୋଷ ଦୁର୍ବଳତାକୁ ଦୂର କରିବାକୁ ଯାଇ ସେ ଯେଉଁ ହାସ୍ୟରସର ପ୍ରବାହ ଛୁଟାଇଛନ୍ତି, ତାହା ଅତ୍ୟନ୍ତ ମନୋଜ୍ଞ ଓ ମଧୁର; କିନ୍ତୁ ଏହାର ଅନ୍ତରାଳରେ ବ୍ୟଙ୍ଗବିଦ୍ରୂପର ଯେଉଁ ଉଚ୍ଛଳ ଅନ୍ତଃସ୍ରୋତା ଫଲ୍ଗୁ-ଧାର ପ୍ରବାହିତ, ତାହା ଅତୀବ ଗୁରୁତ୍ୱପୂର୍ଣ୍ଣ ।

ତତ୍କାଳୀନ ଜାତୀୟ ଅନୁଷ୍ଠାନ "ଉତ୍କଳ ସମ୍ମିଳନୀ" ପ୍ରତିଷ୍ଠାରେ ମଧୁସୂଦନଙ୍କ ପ୍ରଚେଷ୍ଟା ଓ ନିଷ୍ଠା ସହିତ ଭବ ୧୯୧୭ ମସିହାରେ

ଅନୁଷ୍ଠିତ ହେଉଥିବା ଉତ୍କଳ ସମ୍ମିଳନୀର ଉଦ୍ୟୋକ୍ତା ଓ ବକ୍ତାମାନଙ୍କ ନିଷ୍ଠା ଓ ଆନ୍ତରିକତା ତୁଳନା କରିଛନ୍ତି । " ଉତ୍କଳ ସମ୍ମିଳନୀ " ଶୀର୍ଷକ କବିତାଟି ବାକ୍ୟବୀରମାନଙ୍କ ପାଇଁ ଏକ ବ୍ୟଙ୍ଗାତ୍ମକ ସମାଲୋଚନା । କବି ଏଥିରେ ଗାଇଛନ୍ତି—

"ଦୁଇଦିନ ମହା ଆନନ୍ଦେ ସର୍ବେ ନାଚନ୍ତୁ ଥରେ
ଦେଶ ଦେଶ ବୋଲି ଡାକନ୍ତି ତେବେ ଅତି ଉଚ୍ଚରେ ।
କଳ୍ପନା ଜଳ୍ପନା ଲଗାଇ କେତେ କେତେ ପ୍ରକାର
ମଣ୍ଡପ କମ୍ପାଇ ଦିଅନ୍ତି କରି ଜୟ ଚିତ୍କାର ।
ମଣ୍ଡପୁ ଓହ୍ଲାଇ ବକ୍ତାଙ୍କ ମନେ ମନେ ଶଗ୍ରୁର
କେଜାଣି ସେ କରିଆସିଲେ ଏତ ଦେଶ ଉଦ୍ଧାର ।"

ବକ୍ତୃତା ଦେଇ ସାବାସ୍ ନେବାରେ ବକ୍ତାମାନଙ୍କର ଆଗ୍ରହ ପ୍ରକାଶ । ମଧୁସୂଦନଙ୍କ ମହତ୍ ଉଦ୍ଦେଶ୍ୟ ନେଇ ଗଢ଼ିଉଠିଥିବା ଉତ୍କଳ ସମ୍ମିଳନୀ କେବଳ ଏକ ପ୍ରହସନରେ ପରିଣତ ହୋଇଛି । ପ୍ରତିବର୍ଷ ଏହିପରି ସମ୍ମିଳନୀ ବସେ । ବିଭିନ୍ନ ପ୍ରସ୍ତାବ ଗୃହୀତ ହୁଏ । କିନ୍ତୁ କୌଣସିଟି କାର୍ଯ୍ୟରେ ପରିଣତ ହୁଏ ନାହିଁ । ବାକ୍ୟବୀରମାନଙ୍କ କର୍ମରେ କୌଣସି ନିଷ୍ଠା ନ ଥାଏ । କବି ଏହି କଥାକୁ ବିଦ୍ରୂପ କରି କହିଛନ୍ତି—

"ଯେ ଯାହା ଘରକୁ ଫେରିଲେ କାର୍ଯ୍ୟ ହୋଇଲା ଶେଷ
ମୁହିଁ ମାଡ଼ି ପଡ଼ି ମଣ୍ଡପ ତଳେ ରହିଲା ଦେଶ ।
ଯେତେ ବା ପ୍ରସ୍ତାବ ଲକ୍ଷେ ଉଠିଥିଲା ମନରେ
ଘର ନ ଧରୁଣୁ କୁଆଡ଼େ ଶୁଖିଗଲା ବାଟରେ ।"

ତା ପୂର୍ବ ବର୍ଷ ବାଲେଶ୍ୱରରେ ସମ୍ମିଳନୀ ବସିଥିଲା । ବାଲେଶ୍ୱର-ବାସୀମାନେ ଖୁବ୍ ଆଗ୍ରହରେ ଏହାର ପରିଚାଳନା କରିଥିଲେ । "ଜଳଦ-ନଭେ ଚନ୍ଦ୍ରମା ସମ" ବୃଦ୍ଧ ଫକୀରମୋହନ ଅତି ଦୁର୍ବଳ ହୋଇଥିଲେ ସୁଦ୍ଧା କିପରି ନବ ଉତ୍ସାହ ଓ ପ୍ରଫୁଲ୍ଲତା ପ୍ରକାଶ କରିଥିଲେ, " ବକ୍ତୃତା କ୍ଷେତ୍ରେ ଘାନପୁଗ୍ର " ନାମରେ ପ୍ରସିଦ୍ଧ ବିଶ୍ୱନାଥ କର କିପରି ଏଠାରେ ଅନୁପସ୍ଥିତ ରହି ସମସ୍ତଙ୍କୁ ଚକିତ କରିଥିଲେ, ତାହା ସୁନ୍ଦର ସରସ ଭାବରେ କବି ବର୍ଣ୍ଣନା କରିଛନ୍ତି । ଏହାପରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ସମ୍ମିଳନୀ ବସେ । କିନ୍ତୁ ସର୍ବତ୍ର କେବଳ ବକ୍ତୃତାର ପରାକାଷ୍ଠା ପ୍ରଦର୍ଶିତ ହୁଏ ।

"କର୍ମବୀର ସବୁ ଗୋଟିକି ଗୋଟି ଧୂରନ୍ଧର
କି ସ୍ଥିର ମନୁଷ୍ୟ, ଦେବଙ୍କୁ ଊଣ ନାହିଁ ତାଙ୍କର ।
'କାମବେଳକୁ ତ ସମସ୍ତେ ଆଖି ବୁଜୁଛ ଭାଇ
ନାଦ ଖୋଜୁଅଛ ଲୁଚ୍ଛାକୁ ନାମ ମିଳିବ କାହିଁ ?
ଉଆଁ ହେଉଁ କୁଦାକୁଦରେ ଯେବେ ଉଠିବ ଦେଶ
ମାଙ୍କଡ଼ ହୋଇଗଲା ସକଳ କଥା ହେବଟି ଶେଷ ।"

ଏହିପରି ଭାବନାରେ କବି କର୍ମବିମୁଖ ବାକ୍‌ପଟୁମାନଙ୍କ ଉପରେ ବିଶେଷ ବିରକ୍ତ ହୋଇ ସମସ୍ତେ ମାଙ୍କଡ଼ ହୋଇଗଲେ ମଙ୍ଗଳ ହେବ ବୋଲି ବ୍ୟଙ୍ଗ କରିଛନ୍ତି । ମଧୁସୂଦନ ଭାଇ ଭାଇ ବୋଲି ଡାକି ସମସ୍ତଙ୍କୁ ସ୍ୱାର୍ଥମେଧ-ଯଜ୍ଞ ପାଇଁ ଆହ୍ୱାନ କରିଥିଲେ । କିନ୍ତୁ ଭାଇ ଭାଇ ଡାକିବାରେ ଆନ୍ତରିକତା ନାହିଁ କି ସ୍ୱାର୍ଥ ତ୍ୟାଗ କରିବାର ଲେଶମାତ୍ର ସଙ୍କେତ ନାହିଁ । ତେଣୁ କବି " ଧାଇ ଭାଇ ଡାକ "ରେ ଗାଇଛନ୍ତି—

"ଭାଇ ଭାଇ ଏବେ ସଭାରେ ରହୁଛୁ
ଭାଇ ଡାକ ଅଛୁ ଭେଟ ବେଳକୁ
ଦାମ ସରଗଲେ ଭାଇ ଡାକ ଗଲା
ଭାଇଯାକ ଗଡ଼ ଯା'ନ୍ତୁ ତଳକୁ ।"

ପ୍ରକୃତ ଜାତିପ୍ରେମ ବର୍ତ୍ତମାନ ବିଲୟ ଭଜାଛୁ । ଭାଇ ଭାଇ ମଧ୍ୟରେ ସେ ମଧୁର ସମ୍ପର୍କ ଓ ଆନ୍ତରିକତା ନାହିଁ । ବର୍ତ୍ତମାନ ଅନେକ ନେତାଙ୍କର ଜାତୀୟ ଭାବ ମହାଭାରତୀୟ ପ୍ରେମରେ ପର୍ଯ୍ୟବସିତ ହୋଇଛୁ ଏବଂ ନିଜ ଭାଇଙ୍କର ସୁଖ ଦୁଃଖ ପ୍ରତି ଲକ୍ଷ୍ୟ ନ ରଖି ଅନ୍ୟ ପ୍ରଦେଶର ଲୋକମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଦିଆଯାଉଛୁ । ଏହି ମହାଭାରତୀୟ ପ୍ରେମକୁ କବି ସୁନ୍ଦର ଭାବରେ ବ୍ୟଙ୍ଗ କରିଛନ୍ତି । ତାହା ନିମ୍ନୋକ୍ତ ଉଦାହରଣରୁ ସ୍ପଷ୍ଟ ହେବ ।

"ଆମ ଭାଇ ଭାବ ଡେଇଁ ଅଛି ସୀମା
ମାଡ଼ିଗଲାଣି ତ ଦୂର ଦୂରକୁ
କାଳେ କେ ଖୁଣିବ ଆମ ଉଦାରତା
ତେବେ ଗୃହ ନାହିଁ ଆମେ ଘରକୁ ।
ଦୂର ଅତିଥିଙ୍କ ସେବା ପାଇଁ ପିନା
ଭାଇଙ୍କ ଗତରେ ପକାଉ ଭାତ
ଆପଣା ଭାଇଙ୍କୁ ପଛକୁ ପକାଇ
ଅତିଥିଙ୍କ ମୁହିଁ ସମ୍ଭାଳୁ ଆଗ ।"

ସ୍ମରଣ କବି ବର୍ତ୍ତମାନର ତଥାକଥିତ ଉଦାର ଉକ୍ତିଙ୍କ ଜାତୀୟ ଭାବକୁ ବିଦ୍ରୂପ କରିବା ସଙ୍ଗେ ସ୍ୱାଧୀନ ଦେଶରେ କପରି ଦେଶବାସୀମାନେ ପ୍ରକୃତ ସ୍ୱାଧୀନତା ଓ ଭ୍ରାତୃପ୍ରେମ ଉପଭୋଗ

କରିପାରୁ ନାହାନ୍ତି, ତାହା ଦେଖାଇଛନ୍ତି । ନୈସର୍ଗିକ ଭ୍ରାତୃପ୍ରେମ ଜାତିକୁ ଉନ୍ନତ ଓ ସମୃଦ୍ଧ କରି ତୋଳିବ, ଏହା କବିଙ୍କର ଅନ୍ତିମ ନିର୍ଦ୍ଦେଶ ।

ସେହିପରି କବି "ମହନ୍ତ ମହାରାଜ" କବିତାଟିରେ ମଠ ମହନ୍ତଙ୍କ ବିଳାସ ବାସନା ଲାଳସାକୁ ଆକ୍ଷେପ କରି ହାସ୍ୟରସର ଫୁଆର ଛୁଟାଇଛନ୍ତି । ଭଗବାନଙ୍କୁ ଗୁହାରି କରିବା ମାଧ୍ୟମରେ କବି ମହନ୍ତର ବୀଭତ୍ସ କାର୍ଯ୍ୟକଳାପକୁ ଅଭିବ୍ୟକ୍ତ କରିଛନ୍ତି ।

"ଥରେ ଖାଲି ବସିଗଲେ ମୁଁ ମଠ ଗାଦିରେ ମାଡ଼ି
ମୋ ବାଟ ମୁଁ ବଳେ ଚାହନ୍ତି ହେଲେ ତୁମକୁ ଛାଡ଼ି ।
ମହନ୍ତ ପଣରେ ଖିରିପାଖଣ୍ଡି ଖିରେ ଗୁଡ଼ାଇ
ଫୋପାଡ଼ି ଦଅନ୍ତି ଅଣ୍ଟାରୁ କଉପୁନୀ ଫିଟାଇ ।
ରଜା ରାଇଜରେ କହନ୍ତେ ମହାରାଜା ସକଳେ
ଧର୍ମ ନେତା ବୋଲି ଡାକନ୍ତେ ଆସି ମୋ ଗୋଡ଼ ଧଇଲେ ।" ଇତ୍ୟାଦି

କବି "ମୋ କରଣି"ରେ ଯେଉଁପରି ମ୍ୟୁନିସିପାଲିଟିର ଅଣ ବୁଝାମଣା ନୀତି, ବିଚାରହୀନ ଓ ଅଯୁକ୍ତିକର ନିୟମକାନୁନ ପ୍ରତି ବ୍ୟଙ୍ଗ କରିଛନ୍ତି । ନଗରବାସୀଙ୍କ ଉଦାସ ଗୁଣ ଯୋଗୁଁ କିପରି ସେମାନେ ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି ଏବଂ ଏପରି ପଦାଘାତ ସହୁଛନ୍ତି, କବି ଏଥିରେ ବର୍ଣ୍ଣନା କରିଛନ୍ତି । ନଗରପାଳଙ୍କ ଉକ୍ତି ରୂପରେ କବି କହିଛନ୍ତି –

"ଭଙ୍ଗା କୁଡ଼ିଆରେ ଶୁଅ ବସ ପଛେ
ପକ୍କା କୋଠା ପାଇଖାନା
ନ କଲେ, ସହର ମଧ୍ୟରେ ନିବାସ
କରି ଦେଅନ୍ତି ମୁଁ ମନା ।

ଗୋଡ଼ରେ ନ ଚାଲି ହାତରେ ଚାଲନ୍ତେ
ବାଃବାଃ ବଦାନ୍ତା ଛଲ,
ଗାଡ଼ି ଘୋଡ଼ା ସବୁ ଶୂନ୍ୟରେ ଉଡ଼ନ୍ତେ
ନ ଛୁଅନ୍ତେ କେବେ ସ୍ଥଳ ।"

ଏହିପରି ଭାବରେ ମ୍ୟୁନିସିପାଲିଟିର ପଞ୍ଚମୁଖୀ ଶାସନ ନୀତିକୁ ସ୍ୱାଧୀନଚେତା ଭିକାରୀଚରଣ ତୀବ୍ର ବିଦ୍ରୂପ କରିଛନ୍ତି ।

ଆମର ସୂକ୍ଷ୍ମଦ୍ରଷ୍ଟା କବି ସମାଜରେ ପୂରି ରହିଥିବା ଦୋଷ ଦୁର୍ନୀତି ପ୍ରତି ସୁଦକ୍ଷ ଶଲ୍ୟକ ପରି ଅସ୍ତ୍ରୋପଚାର କରିଛନ୍ତି । ପ୍ରତ୍ୟେକ ଶ୍ରେଣୀ ଓ ଗୋଷ୍ଠୀର ଦୋଷ ତ୍ରୁଟିକୁ ସେ ସମାଲୋଚନା କରିଛନ୍ତି । କବି ବିଶେଷତଃ ନିଜ କରଣ ଜାତିର ଲୋକଙ୍କୁ ଏପରି ଭାବରେ ଚିତ୍ର ଦେଇଛନ୍ତି ଯେ, ଏପରି ନିନ୍ଦା କରିଛନ୍ତି ଯେ, ଏହା କେବଳ ନିରପେକ୍ଷ ଓ ସତ୍ୟଦର୍ଶୀଠାରୁହିଁ ଆଶା କରାଯାଇ ପାରେ । ଖ୍ରୀ: ୧୯୧୫ ରେ ପ୍ରକାଶିତ " କରଣ ସାଆନ୍ତ ଡମ " ପୁସ୍ତିକାଟି ତତ୍କାଳୀନ ସମାଜରେ ଚମକ ସୃଷ୍ଟି କରିଥିଲା । କରଣମାନଙ୍କ ବାହ୍ୟାଡ଼ମ୍ବର ତଥା ତୋଷାମଦକୁ ଏପରି ଭାବରେ ବ୍ୟଙ୍ଗ ବିଦ୍ରୂପ କରିଛନ୍ତି ଯେ, ତାହା ସେତେବେଳେ ଅନେକ ନେତା ମୁଖରେ ମଧ୍ୟ ପ୍ରକାଶିତ ହେଉଥିଲା । ସତ୍ୟସନ୍ଧ ମଧୁସୂଦନ ମଧ୍ୟ ଏଥିରୁ ଅନେକ ପଦ ମନେରଖି ମନ ଆନନ୍ଦରେ ଆବୃତ୍ତି କରୁଥିଲେ । ଏହାର ସରସ, ସାବଲୀଳ ଭାଷାଶୈଳୀ ଓ ସୂକ୍ଷ୍ମାତିସୂକ୍ଷ୍ମ ବର୍ଣ୍ଣନା, ସର୍ବୋପରି ହାସ୍ୟରସ ପରିବେଷଣ ଅତୀବ ଉପଭୋଗ୍ୟ ଓ ମନୋଜ୍ଞ । କବି ଆରମ୍ଭ କରିଛନ୍ତି—

"ସାହାନ୍ତ ଘରର ଡମ
ଭଙ୍ଗୁଡ଼ା ହାଣ୍ଡିକ ଛ'ଅଣା ଲଗାଉ, ଗୋଡ଼ିହାକ କୋଡ଼ିଏ ଦମ ।"

ଅର୍ଥାତ୍ ଅତ୍ୟନ୍ତ କ୍ଷୁଦ୍ର ବସ୍ତୁରେ ମଧ୍ୟ କରଣ ସ୍ଥୀର ଶିଳ୍ପପାଟବ ଓ ସୌନ୍ଦର୍ଯ୍ୟଜ୍ଞାନ ପ୍ରକାଶ ପାଏ । କିନ୍ତୁ ସେ ପୁଅର ଶାଶୁଘରେ ଠାଟ ସଜାଡ଼ିବାକୁ ଯାଇ କପଟ ଡଭିନ ସ୍ଥାନରୁ ଅଳଙ୍କାର ମାଗି କାମ ଚଳାଏ, ଝିଅଟିଏ ଶାଶୁଦେଖିଲେ ଆଡ଼ମ୍ବର ଦେଖାଇ କପଟ ସର୍ବସ୍ୱାନ୍ତ ହୁଏ, ତାହା ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି—

"ଝିଅଟିଏ ଯା'ର ହେଲା
ଧନଜଞ୍ଜାଳ   ସକଳ ସରଳ
ମଣିଷପଣରୁ ଗଲା ।
ବଢ଼ ଗାପ ନୋହେ ସାନ
ଚୂଲି ମୂଳ ଶାଳ   ଦେଖାଇ ଦେଉଛୁ
କେତେ ଫୁଲ କେତେ ବାଣ ।"

ଏଥିପରି ବାହ୍ୟାଡ଼ମ୍ବରକୁ କବି ବ୍ୟଙ୍ଗ କରିଛନ୍ତି, ତା'ପରେ କନ୍ୟାର "କଟେଇ କନାରୁ ଦାନ୍ତ ଖୁଣ୍ଟାଯାଏ" ସାତଶ ଥାନ ହୋଇ ତାଲିକାରେ ହିସାବ ହୁଏ ଏବଂ ଟିକିଏ ଟିକିଏ କଥାରେ କଳହ ଓ ଫିଙ୍ଗାଫୋପଡ଼ା ହୁଏ, ତାହା ସୁନ୍ଦରଭାବରେ ବର୍ଣ୍ଣନା କରିଛନ୍ତି ।

"କଳିଆ ନ କଲ ଯେତୁ
ସାଥିନ୍ତ ପଣରେ   ଅସିଲେ କ ହେବ
ନ ଅସିଲା ପରି ସେତୁ ।"

ଅଥା କଳହରେ ପଟୁତା ଦେଖାଇ ଶେଷରେ କପଟ ସମସ୍ତେ ଲୋକରେ ଛଟପଟ ହୁଅନ୍ତି ଏବଂ କନ୍ୟାପିତା ସର୍ବସ୍ୱାନ୍ତ ହୋଇ ମଧ୍ୟ ଦୋଷୀ ସାବ୍ୟସ୍ତ ହୁଏ, ତାହା ସରସ ଭାବରେ କବି କହିଯାଇଛନ୍ତି । ପୁଣି—

“କରଣ ଘରର ଝିଅ
ଯାହାକୁ ଧରି ସେ ଦଣ୍ଡେ ନ ବାହୁନେ
ଫାଟିଯାଏ ତା'ର ମୁଣ୍ଡି ।”

ବାପା ମା'ଙ୍କ ଠାରୁ ଆରମ୍ଭ କରି ମାମୁଁ ମାଉଁ ଲେଖା ଯୋଖା ଯେତେ ଥାନ୍ତି, ସମସ୍ତଙ୍କ ନାମ ଧରି ତାକୁ କାନ୍ଦିବାକୁ ପଡ଼ିବ । ଅସରା ଧରେ ଅସରା କନ୍ଦନ ରୋଳ ଶବ୍ଦାୟୁ ପର୍ଯ୍ୟନ୍ତ ଶୁଭୁଥାଏ । ଝିଅଟି ସରଳା କୁମାରୀ ପାଇଁ ଏହା ଏକ ଯନ୍ତ୍ରଣାଦାୟକ ଅନୁଭୂତି ।

“କେତେ ସ୍ୱର ତାନମାନ
ଯୋଡ଼ି ବାହୁନିଲେ ଝିଅ ସଙ୍ଗେ ବସି
ଅପା, ଖୁଡ଼ୀ ବଡ଼ ସାନ ।

ସେଦିନକୁ କରଣ ତଥା ଓଡ଼ିଆ ଘରର ସ୍ତ୍ରୀମାନେ ଖୁବ୍ ନିଷ୍ଠାର ସହିତ ଗୋଟିଏ ପବିତ୍ର ଅନୁଷ୍ଠାନ ପରି ପାଳନ କରିଥାନ୍ତି । ତା'ପରେ ଆଜି ଏକ ବଡ଼ ଲଜ୍ଜାର କଥା ଯେ,—

“ମହନ୍ତ ଘରର ପୁଅ
ଗଲବେଳେ ଢେଁସ ମଣିଷା କାଟିଲେ, ଭଙ୍ଗିଦେଲେ କାହିଁ ମୁଅ ।
ନାହିଁ ଯେ ପାଇଲେ ଯାହା
ନୈତିକଲେ ହବୁ କାଲେ ନ ରହିବ, ବରକାତଙ୍କର ନାହାଁ ।”

ଏହି କାର୍ଯ୍ୟକୁ ଏମାନେ ଗୋଟିଏ ଚିରାଚରିତ କର୍ତ୍ତବ୍ୟ ବୋଲି ପାଳନ କରିଥାନ୍ତି । ଏହାଠାରୁ ବଳି ନିର୍ବୋଧତା ଆଉ କ'ଣ ଥାଇପାରେ । ଯେଉଁ କାରଣ ଜାତି ଜଡ଼ି ମାନସମ୍ମାନ ବୋଲି ଚଳ ଅନୁଭବ କରନ୍ତି ସେମାନଙ୍କ କାର୍ଯ୍ୟ ଓ ଅବସ୍ଥା କଳଙ୍କ ଯେଉଁ

ମହତ୍ତ୍ୱ ଗୁଣର ପରିଚାୟକ ? କବି ପ୍ରଶ୍ନ କରିଛନ୍ତି ଏବଂ ଏଥିପ୍ରତି ତୀବ୍ର ବିଦ୍ରୂପ କରିଛନ୍ତି ।

"ବଡ଼ ମାନ ଯୋଉଠାଇ
କଳିକଳାଅରେ ଅନାଦ ଚାହାର, ତା ବୁଦ୍ଧି ଗଲୁଆ ଖାଇ ।"

ଆଧୁନିକ ଶିକ୍ଷିତବର୍ଗଙ୍କୁ କବି ଯୌତୁକ ପ୍ରଥା ସମ୍ପର୍କରେ ନିଜର ମର୍ମବାଣୀ ଶୁଣାଇଛନ୍ତି । ସଭ୍ୟଶିକ୍ଷିତମାନେ ଅନ୍ୟ ସମୟରେ ଯୌତୁକ ପ୍ରଥା ବିରୁଦ୍ଧରେ ଖୁବ୍ ଉଚ୍ଚ ତତ୍ତ୍ୱମାନ ବଖାଣି ବିବାହବେଳେ ଯୌତୁକ ପାଇଁ ମୂର୍ଖଭଳି ଅଡ଼ି ବସନ୍ତି; ବିବାହକୁ ଏକ "ସଉଦା ସରିବା ବିକାକିଣା" ପରି ବ୍ୟବହାର କରନ୍ତି । ଏହା ଭଦ୍ର ପରିବାରର ବିଷୟ ନୁହେଁ । ସଂସ୍କାରପ୍ରିୟ କବି ଜାତିରୁ ଏହିସବୁ କୁ-ସଂସ୍କାର ଓ ଅନ୍ଧବିଶ୍ୱାସକୁ ଶୀଘ୍ର ଅପସାରଣ କରିବାକୁ ଆହ୍ୱାନ ଜଣାଇଛନ୍ତି । ନଚେତ୍ ଜାତିର ଉନ୍ନତି ସୁଦୂର ପରାହତ । କବି ତେଣୁ ଭାବାବେଗରେ (**Imotionally**) ଗାଇଛନ୍ତି ।

"କମାଇ ବସିଛ ଗୁହ୍ନି
ବୁଢ଼ାଗଲେ ନାହା   ତଳ ଧରିଯିବ
ଖୋଜିଲେ ମିଳିବ ନାହିଁ ।

ଏତିକ ମେଳଣି ଆଜ
ବେଲଡାଳ ବୁଣି   ପୁଣି ଦେଖାଦେବ,
ନାହିଁ ମୋ ମୁହିଁକୁ ଲାଜ ।"

ବାସ୍ତବରେ ନିଜ ଘର ନିଆଁ ବୋଲି ଅଣ୍ଟିରେ ନ ପୁରାଇ, ସେ ତାଙ୍କୁ ନିଜର ସ୍ୱାଧୀନ ଚିନ୍ତା ଓ ମୌଳିକ ପ୍ରତିଭା ସାହାଯ୍ୟରେ

ପରକ୍ଷିଛନ୍ତି । ଏହାକୁ ପଢ଼ି ତତ୍କାଳୀନ ଓଡ଼ିଶାର ସୁପରିଚିତ ବ୍ୟକ୍ତି ସ୍ୱର୍ଗୀୟ ସୁଦାମ ଚରଣ ନାୟକ ଭକାସ୍ତ ଚରଣଙ୍କୁ ଦେଖି ପଚାରିଥିଲେ—"ଅଜ କେବେ ଦେଖା ଦେବ ?" ଏହାର ଉତ୍ତରରେ କବି "ସାଆନ୍ତଆ ବାହା" ବୋଲି ଆଜ ଏକ ପୁସ୍ତିକା ଲେଖିଥିଲେ । ଏଥିରେ ମଧ୍ୟ ସେହିପରି ସତ୍ୟଦ୍ରଷ୍ଟା ଲେଖକ କରଣ କୁଳର ଅର୍ଥା ଆଡ଼ମ୍ବର ଓ ମୂକଚକ୍ୟକୁ କଟାକ୍ଷପାତ କରିଛନ୍ତି । ସେ ସାଆନ୍ତାଣୀଙ୍କର ଢଙ୍ଗକୁ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି—

"ଦରବା ଝଣ୍ଡିକ ସାନ ତାଳ ସିଆଁ
  ଘରେ ସିନା ପିନ୍ଧା ହେବ
ପୀତାମ୍ବର ପାଟ ଦାଣ୍ଡକୁ ନ ଥିଲେ
  କାଲେ କେହୁ ବାହୁଡ଼େବ !

ପାଦରେ ନୂପୁର କରି ରଣଝଣ
  ଘରଣୀ ଯେତେ ନୂଲିବ
ଘରେ ଢନ ଓଳି ଚୂଲି କଲା ନାହିଁ
  ଏହା କେ ପରତେ ଯିବ ?"

ଭକାସ୍ତ ଚରଣ ଏଥିରେ ମଧ୍ୟ ଗୋଟିଏ ହେଉଥରେ ସୁନ୍ଦର, ସରସ ଓ ବାସ୍ତବ ଚିତ୍ର ରୂପାୟନ କରିଛନ୍ତି । ସେହିପରି ଏଠାରେ ସେ ଓବ୍ ସମାଲୋଚନା କରିଛନ୍ତି, କରଣ ଶ୍ରେଣୀଘରର [illegible] ବାହ୍ୟାଡ଼ମ୍ବର ଓ ଅବାଞ୍ଛନୀୟ କାର୍ଯ୍ୟାନୁଷ୍ଠାନକୁ । ସେ ଏକ ସ୍ଥାନରେ କହିଛନ୍ତି—

"ପ୍ରବୋଧ ଜମ୍ବୁର ମଙ୍ଗଳ କାମନାରେ
ଏଣେ ଦୁଲଦୁଲ ଯଥା
କଳ କଳଅଛି ସେହି ଶବ୍ଦକାଟରେ
ନ ହେଲେ ନ ଚଳେ କଥା ।"

କପଟ ପୌତ୍ରିକ ଦାବୀ ଓ ବାହ୍ୟାଡ଼ମ୍ବରର କୁପରିଣତି ଫଳେ, ତାହା ଲେଖିବାକୁ ମଧ୍ୟ କବି ଭୁଲି ନାହାନ୍ତି । ନିଜର ଅବହେଳା ପଣ ଓ କର୍ମଦୋଷରୁ କପଟ ପରେ ଦୁଃଖକଷ୍ଟ ଭୋଗ କରିବାକୁ ହୁଏ, ତାହା ବର୍ଣ୍ଣନା କରି ଲେଖକ ସବୁ ଶେଷରେ ନାହିଁକୁ ସାବଧାନ କରାଇଛନ୍ତି ।

"ହାତଯୋଡ଼ି ଧାଇ କହୁଅଛି ମୁହିଁ
ଘଡ଼ି ଏ ଶୃଙ୍ଖଳ ମାନ,
ଦେଖିଛନ୍ତି ଏବେ ନେଇଛି କାଳ ଗତି
ଜେଜେରେ ହୁଅ ସାବଧାନ ।"

ଅବଶ୍ୟ ଆଜକାଲି କରଣ କୁଳରୁ ଉକ୍ତିଖିତ ଅନେକ ଦୋଷ ଓ କୁସଂସ୍କାର ଉଭେଇ ଯାଇଛି । କିନ୍ତୁ ସେତେବେଳେ ଉତ୍କଳର ଏହି ସବୁ କଥା ଅନେକ ସମ୍ପ୍ରଦାୟର ଅଶ୍ରୁଳ ସ୍ମୃତି ହୋଇ ରହିଥାଏ ।

କବି ନିଜେ ଜଣେ କରଣ ଥିଲେ ମଧ୍ୟ ଉତ୍କଳର ଏପରି ତୀବ୍ର ସମାଲୋଚନା କରିଛନ୍ତି, ଯାହା କେହି ଏହା ଜାଣିଲେ ବିସ୍ମିତ ହେବ । ଏପରି ଆତ୍ମସମାଲୋଚନା (**self-criticism**) କରିବା ସାଧାରଣ ବ୍ୟକ୍ତିଙ୍କ ପକ୍ଷରେ ଅସମ୍ଭବ । ବାସ୍ତବରେ ସେ "ଅବସାଦ ବାଣୀ"ରେ ନିଜର ମର୍ମବାଣୀ ଶୁଣାଇଛନ୍ତି ।

"ଲୁଚାଇ ନାହିଁ ମୁଁ ଆପଣା ଦୋଷ
ପର କଥା କେତେ ଦାଣ୍ଡରେ ବାଡ଼ିଛି
ଆପେ ପଡ଼ିଲେ ମୋ ବଢ଼ଇ ରୋଷ ।"

ବୁଦ୍ଧିଜୀବୀ ଓକିଲମାନେ କପଟ ଅର୍ଥ ଲୋଭରେ ନଜର ଦେବେ ଓ ମର୍ଯ୍ୟାଦା ଅନେକ ସମୟରେ ହରାଇ ବସନ୍ତି, ତାହା ସରସ ହାସ୍ୟରସ ଓ ବ୍ୟଙ୍ଗୋକ୍ତି ମଧ୍ୟରେ କବି "ଓକିଲ" ଶୀର୍ଷକ ଏକ ମନୋଜ୍ଞ କବିତା ମାଧ୍ୟମରେ ପ୍ରକାଶ କରିଛନ୍ତି ।

''ଆମେ ତ ଓକିଲ ଭାଇ
ଆମର ପରିଖା ବୁଝିଅ ନାହିଁ
ଆଉ ନ ଦେଖିବ କାହିଁ ।

ଗଣିକ ଆମର କଥା
କଥାଟି କହିଲେ ଟଙ୍କାଟି କାଢ଼ିବୁ
ନ ଦେଲେ ନ ଚଳେ ମଥା ।

ଦେଖ ହେତ ଆମ ବାଞ୍ଛା
ତୋ ଘର ବୁଡ଼ବ ତା' ଘର ବୁଡ଼ବ
ମୋ ଘର ବଢ଼ିଲେ ଆଚ୍ଛା ।"

ଆତ୍ମମଙ୍ଗଳ ଓ ସ୍ୱାର୍ଥପରତା କାହିଁକି ସେମାନଙ୍କୁ ପ୍ରେରିତ କରେ, ତାହା ଏଥିରେ ସ୍ପଷ୍ଟ ହୋଇଛି । ବ୍ୟବହାର-ଜୀବୀମାନେ ଅର୍ଥ ଲୋଭ ପାଇଁ ନ୍ୟାୟକୁ ଅନ୍ୟାୟ ବୋଲି, ଆଉ ଭୁଲ୍‌କୁ ଠିକ୍ ବୋଲି ଓ ଠିକ୍‌କୁ ଭୁଲ ବୋଲି ପ୍ରମାଣ କରନ୍ତି ଏହାକୁ ବ୍ୟଙ୍ଗ କରି କବି ଗାଇଛନ୍ତି—

''କଳାକୁ କରିବୁ ଧଳା
ପାଣିକୁ କହିବୁ ଜଳନ୍ତା ନିଆଁ
ମୁହଁ ଖଣ୍ଡେ ଟେକି ନାଲା ।

ଝିଙ୍କା ହେଲେ ଭଲଙ୍କର
ମୂଷା ଯାକ ରଢ଼ି   ହାତ ହୋଇଛନ୍ତି
ଫିଟାଇ ଦେବୁ ନାକର ।"

କବି ଏଥି ନୀତିସାଗର ଜାମ୍ବୁ ନାଶ ଦେବା ସଙ୍ଗେ ସଙ୍ଗେ ସୁନ୍ଦର, ସଜୀବ ରୂପକ ଓ ତୁଳନା ସାହାଯ୍ୟରେ ଏହି କବିତାଟିକୁ ଅତି ହୃଦୟଗ୍ରାହୀ ଓ ଉପଭୋଗ୍ୟ କରି ତୋଳିଛନ୍ତି । ବିଶେଷ ଦୃଷ୍ଟାନ୍ତ ଦେବାର ଲୋଭ ସମ୍ବରଣ କରି ନ ପାରି ତଳେ ଆଉ କେତୋଟି ପଦ ଦେଉଛୁ ।

ନାଲିତ ଆମର ତୁଣ୍ଡ
ନଗଦାନଗନ   ସଭଦାପତର
ପସଗ୍ର ଆମର ମୁଣ୍ଡ ।
ବାରନାସି ଅମ୍ବ ପିଠ
ଝରିନି ସଜାଡ଼ି   ଦୁହେଁ କରି ବସୁ
ଦୁହେଁ ଘଲ୍ଟୁ ଟରମ୍ଭର ।
ପ୍ରଭେଦ ଏତିକି ଖାଲି
ଯୁବତୀ ବୟସେ   ଆଦର ତାଙ୍କର
ବୁଢ଼ା ହେଲେ ଅମ୍ବ ପାଳି ।"

କି ସୁନ୍ଦର ଉପମା ଓ ତୁଳନା ! କି ସରସ ଓ ତୀକ୍ଷ୍ଣ ବ୍ୟଙ୍ଗ ବିଦ୍ରୂପ !!

ଓକିଲମାନେ କପଟେ " ମାମଲା ବଢ଼ାଇ ଦେଇ " ହାକିମ-ବେଳକୁ "ହାକିମ ଅବୁଝା" ବୋଲି କହି ନିଜର ଦାୟିତ୍ୱ ତୁଟାଇ ଦେଇଥାନ୍ତି, କପଟେ ପଇସା ନ ଥିଲେ ସୁଦ୍ଧା, ଆଡ଼ମ୍ବର ଦେଖାଇ

ଭଟେଶ୍ୱରେ ଚଳପ୍ରଚଳ ହୁଅନ୍ତି, ତାହା ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଛନ୍ତି ।

"ସ୍ୱାଧୀନ ବେପାର ଭଣ୍ଡୁଁ
ଭଉଡ଼ି ପାଇଲେ   ଦଉଡ଼ି ଦଉଡ଼ି
ହରବର ହୋଇ ମରୁଁ । × ×
ଆମ ପାଖେ ଯେ ଥାଇଁବ
ଧନ ପଛେ ମଛେ   ସବୁ ସୁଖ ଶାନ୍ତି
ହରାଇ ଘରକୁ ଯିବ ।"

ଓକଳତକୁ ସ୍ୱାଧୀନ-ବୃତ୍ତ ବୋଲି କହୁଲେ ସୁଦ୍ଧା ଏଥିରେ ଜପରେ ଅନେକ ପ୍ରକାରରେ ସେମାନଙ୍କୁ ହରବର ଓ ଗ୍ଲ'ହ୍ଲଭର ହେବାକୁ ପଡ଼େ, ତାହା ହାସ୍ୟରସିକ କବି ସାବଲାଲ ହି ନିର୍ଭୀକ ଭାବରେ ପ୍ରକାଶ କରିଛନ୍ତି ।

ବିଦେଶୀ ଶାସନ କାଳରେ ବ୍ରିଟିଶ ଶାସକଗଣ ଏ ଦେଶରେ ନିଜ ସାମ୍ରାଜ୍ୟର ମୂଳଭିତ୍ତି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗୋଟିଏ ଅନ୍ତଃସାରଶୂନ୍ୟ ଶିକ୍ଷା ପଦ୍ଧତି ପ୍ରଚଳନ କଲେ । ୧୮୩୫ ମସିହାରେ ତତ୍କାଳୀନ ଆଇନମନ୍ତ୍ରୀ ଓ ଶିକ୍ଷାବିଭାଗର ମୁଖ୍ୟ ଲର୍ଡ ମ୍ୟାକଲେ ଥରେ ମନ୍ତବ୍ୟ ଦେଇଥିଲେ ଯେ, ଭାରତୀୟମାନଙ୍କୁ ଇଂରେଜ ରୁଚି, ମତ ଓ ବୁଦ୍ଧି ବୃତ୍ତିରେ ଦୀକ୍ଷିତ କରିବା ଏହି ଶିକ୍ଷା ପଦ୍ଧତିର ପ୍ରକୃତ ଲକ୍ଷ୍ୟ (**The real object was to create a class of persons, Indians in blood and colour, but English in taste, in openions, in morals and in intellect**) । ଏହିପରି ସାଂସ୍କୃତିକ ଆକ୍ରମଣ କରିବା (**Cultural Invasion**) ତାଙ୍କର ସଫଳ ହେଲା, ଯେତେବେଳେ ଇଂରେଜ

ଶିକ୍ଷିତ ଯୁବକମାନେ ସମସ୍ତେ ଗୃହକର୍ମ ଜଳସା, ବାହ୍ୟାଡ଼ମ୍ବର ଓ ଜାତୀୟତାବିରୋଧୀ ଗୀତନାଟରେ ଆକ୍ରାନ୍ତ ହେଲେ । ଜାତୀୟ ସଂସ୍କୃତି ଓ ସଭ୍ୟତା ଧ୍ୱଂସ ଆଡ଼କୁ ଅଗେଇ ଚାଲିବାର ଦେଖି ଗୁରୁଣଙ୍କର ଉଦ୍ଧାର କରଣ ତାଙ୍କର ପ୍ରାୟ ପ୍ରତ୍ୟେକ କବିତାରେ ବ୍ୟଙ୍ଗ ବିଦ୍ରୁପ ସନ୍ନିବେଶଣ କରିବା ସଙ୍ଗେ ସଙ୍ଗେ ଯୁଗୋପଯୋଗୀ ଚେତାବନୀ ଶୁଣାଇଛନ୍ତି । 'ନବ ମୂଲିଆ'ରେ ସେ ସ୍ୱାଧୀନ ମୂଲିଆର ଗୌରବ ଗାନ କରିବା ସାଥେ ସାଥେ ପରାଧୀନ ଚାକରିଆର ଶାରୀରିକ ଅବସାଦ ଓ ମାନସିକ ଅଶାନ୍ତି ବର୍ଣ୍ଣନ କରିଛନ୍ତି । ମୂଲିଆ ମୂଲ ଲାଗି ମୂଲ ନିଏ । କିନ୍ତୁ ପାଠ ପଢ଼ି ତୋଷାମୋଦ କରେ ନାହିଁ ।

"ଲାଭ ଧୁକୁ ଧୁକୁ ଅନ୍ତ ଗୁଡ଼ୁ ଗୁଡ଼ୁ
ଚାକରିଆ ପ୍ରାଣେ ଦୁଃଖ,
ଖଟି ସାରି ଆମ ପ୍ରଗାଢ଼ ନିଦଟି
ଆମ୍ଭଙ୍କୁ ପରମ ସୁଖ ।
ହସନ୍ତ ହସୁଛ ନିକଟିଲ ପର
ତଳେ ତ ହରଷ ନାହିଁ,
ଆମ ହସଯାକ ପେଟରୁ ଫୁଟୁଛି
ସରସରେ ପୂରିଥାଇ ।"

ଏହିପରି ପରସ୍ପରର ଅବସ୍ଥା ସୁନ୍ଦର, ସରଳ ଓ ସରସ ଭାବରେ ତୁଳନା କରି ଶିକ୍ଷିତର ଚୈତନ୍ୟୋଦୟ ପାଇଁ ଚେଷ୍ଟା କରିଛନ୍ତି । ଚାକରି ନ କରି ସ୍ୱାଧୀନବୃତ୍ତି ଅବଲମ୍ବନ କରିବା ପାଇଁ ତାଙ୍କର ଏହା ମର୍ମବାଣୀ । ପରାଧୀନ ଦେଶରେ ତାଙ୍କର ଏହି ଉପଦେଶର ମୂଲ୍ୟ କମ୍ ନ ଥିଲା ।

ସେତେବେଳେ ଅର୍ଦ୍ଧଶିକ୍ଷିତ ଓ ଅଳ୍ପଶିକ୍ଷିତ ବେକାର ସଂଖ୍ୟା ଯଥେଷ୍ଟ ଥିଲା । ଏହି ସମୟରୁ ପ୍ରାୟ ପ୍ରତ୍ୟେକ ଶିକ୍ଷାକମିଶନର ରିପୋର୍ଟରେ ଆମେ ଶିକ୍ଷିତ ବେକାରଙ୍କ ସମସ୍ୟା ବିଷୟରେ ଅନେକ କଥା ଦେଖୁଁ । କିନ୍ତୁ ପାଠ ପଢ଼ି ଯୁବକମାନେ ନିଜର ପାରିବାରିକ କୃଷି ଓ ବ୍ୟବସାୟ ପ୍ରତି ବୀତସ୍ପୃହ ହୋଇ ଉଠୁଥିଲେ ଏବଂ ଚାକିରି ଅନ୍ୱେଷଣରେ ବାର ଦୁଆର ଶୁଣ୍ଡି ପିଣ୍ଡା ହେଉଥିଲେ । ଏହି ଅବସ୍ଥା ଓ ଗତିବିଧିକୁ ଲକ୍ଷ୍ୟ କରି କବି 'ବି. ଏ. ପାସ', 'ଶାମ ଦାସ' 'କର୍ମ ଖାଲି', 'ବଲୁଆ, କୁକୁର', 'କାଜ୍ ଶାଗୁଣା', 'ଓଡ଼ିଆ ଘର', 'ନୂଆ ମହରମ ଖେଳ', 'ଅସ୍ଥାୟୀ ମୁଲକ'; 'ହାକମ ହୁଅନ୍ତି' ପ୍ରଭୃତି ଅନେକ କବିତାରେ ବ୍ୟଙ୍ଗାତ୍ମକ (Satirical) ସମାଲୋଚନା କରିଛନ୍ତି । ବି. ଏ. ପାସ୍ କବିତାଟି ତତ୍କାଳୀନ ବେକାର ସମସ୍ୟାର ଏକ ଜ୍ୱଳନ୍ତ ଚିତ୍ର । ଶିକ୍ଷିତ ଯୁବକ କେତେ ଆକାଶୀ ଆଶା ପୋଷଣ କରି ଶେଷକୁ ଚାକିରି ନ ପାଇ ବେକାର ହୁଏ । କେତେ ତୋଷାମୋଦ କରି କେତେ ହତାଦର ହୋଇ ନିରାଶ ହୁଏ । ସେ କହେ, "ନିତ ମଜୁରିଆଙ୍କର, ଗୋଡ଼ତଳେ ଆସି ପଡ଼ିଛି ଡାକରା, ଆହାର କେତେ ଆଦର × × ×

"ବଢ଼େଇ କମାରଗଣ, ଶାଳ ତେନ୍ତୁଳରେ ଠୁକୁଣ୍ଠୁ ଠୁକୁଣ୍ଠୁ
ଧାଉଁଛନ୍ତି ପଣ ପଣ ।"

"ଦାସଙ୍କ ଷ୍ଟେସନେ ଯାଇ, ଦେଖିଲି ସେଠାରେ ନୋଟା
ସିଝିଛନ୍ତି ନିରକ୍ଷର ମୋଟା ଖାଇ"

ଏତେବେଳେ ଯୁବକର ଚେତା ପଶିଛି । ସେ ଭାବିଛି—

"ହାତ ଚଳାଇଲେ ଭାତ
ହାତ ଯେମା କରି   କାଳି ବସିଥିଲେ
ଯହିଁ ଯିବ ତହିଁ ନାତ !
ଚିକଣ ଦେଗାଳମି ଗିଣ
ଦରିଦ୍ର ଏହେନ   ବୁଲନ୍ତେ ବୁଢ଼ାଚ
ଦେଶ ଶିଣ, କାହ ହିଣ ।"
ଶିଳ୍ପ ବାଣିଜ୍ୟରେ ମନ
ଦେଲେ ନିଷ୍ଠାପ୍ତ   ବସି ନିଜ ଘରେ
ଗଣିବା ହାତରେ ଧନ ।'

ଏହାପରେ ପ୍ରତ୍ୟେକ କବିତାରେ ଶିକ୍ଷିତ ଯୁବକମାନଙ୍କ ପାଇଁ ଶିଳ୍ପ ବାଣିଜ୍ୟ ଓ କୃଷି ପ୍ରତି ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ତାଙ୍କର ଆହ୍ୱାନ ଅଭିପ୍ରେତ ।

ସେହିପରି "ଶାମ ଦାସ"ରେ କବି ଦେଖାଇଛନ୍ତି, କିପରି ପୂର୍ବେ ଆମର ପୂର୍ବ ପୁରୁଷ ସୁସ୍ଥ ହେଲେ ରହି କାର୍ଯ୍ୟ କରି ସୁନାର ଫସଲରେ ଦେଶକୁ ହସାଇଥିଲେ । "ଡାକ ଦେଲେ ଭୂଇଁ ବୋଲି ମାନୁଥିଲ, ଡାକୁଥିଲ ଫଳ ଫୁଲ ।" କିନ୍ତୁ କମି ଟିକେ ବାପ ପାଠ ପଢ଼ାଇଲେ । ଯୋଗ୍ୟ ପୁଅ ନିଜର ବୁଢ଼ା ମାତରେ ଅଭ୍ୟସ୍ତ ହୋଇ ବାବୁଗିରି ଦେଖାଇଲେ, ମାତ୍ର ବର୍ତ୍ତମାନ ବି. ଏ. ପାଶ କରି ବେକାର । କେତେ ଆଶା ଅଭିଳାଷ କୁଆଡ଼େ ଉଡ଼ିଗଲା । କବି ବ୍ୟଙ୍ଗ କରି କହୁଛନ୍ତି—

"ଭୁଆ ବାବୁଟିରେ ଯେତେ ଶିଖିଥିଲି
ଛାଡ଼ିବା ପାଇଁକି ମନ,
ମୁଁ ଛାଡ଼ିଲେ କଅ ହେବ ସେ'ତ ମୋତେ
ନ ଛାଡ଼ନ୍ତି କଦାଚନ ।

ବହୁ ଘୋଷି ଘୋଷି ବି. ଏ. ଏମ୍. ଏ. ହେଲେ
ନ ମିଳିବ ସୁଖ ଶାନ୍ତି,
ସମସ୍ତେ ଖୁବୁଛ ଡେପୁଟି ହୋଇବ
ସେ ଭାବନା ବୃଥା ଭ୍ରାନ୍ତି ।”

କୃଷି କର୍ମ, ବାଣିଜ୍ୟ ଓ ଶିଳ୍ପ କାର୍ଯ୍ୟ ପ୍ରଭୃତି ସ୍ୱାଧୀନ ବୃତ୍ତି ଅବଲମ୍ବନ କଲେ—

‘ନିଜେ ହେବ ସୁଖୀ, ସୁଖୀ ହେବ ଦେଶ, ବଢ଼ିବ ଦେଶର ଶିରୀ,
ଘୁଞ୍ଚିବ ଉତ୍କଳ ମାତାଙ୍କ ଦୁର୍ଦ୍ଦଶା, ଲଭିବ ଅଧମଗିରି ।’

ବର୍ତ୍ତମାନ ମଧ୍ୟ ଏହି କବିତାର ମୂଲ୍ୟ କମ୍ ନୁହେଁ । ‘ଲଲ୍ଲୁଆ କୁକୁର’, ‘କାଉ ଶାଗୁଣା’ ଏହି ଦୁଇଟି କବିତାରେ ସୁନ୍ଦର ରୂପକ ସାହାଯ୍ୟରେ ଗ୍ରାଜୁଏଟଙ୍କର ଦୁର୍ଦ୍ଦଶା ବର୍ଣ୍ଣନା କରିଛନ୍ତି । ହାସ୍ୟରସ ସଙ୍ଗେ ବ୍ୟଙ୍ଗବିଦ୍ରୂପ ଅତ୍ୟନ୍ତ ମର୍ମଭେଦୀ । ପରାଙ୍ଗପୁଷ୍ଟ ଦୁଇଟି ଜୀବ କାଉ ଓ ଶାଗୁଣା ଶବାହାର ପାଇଁ କଳହ କରି ଶେଷରେ ଗୋଟିଏ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ।

“ଲୁଞ୍ଚା ମଡ଼ ସେବା ଛାଡ଼ ଦେବାପାଇଁ
ଦୁହେଁ ବସି କର ପଣ,
ସୁଖରେ ଶାନ୍ତିରେ ବନ୍ଧୁତା ପ୍ରେମରେ
କଟାଇଦେବା ଜୀବନ ।”

ହୀନ କାର୍ଯ୍ୟ ପାଇଁ ଉଚ୍ଚ ଶିକ୍ଷିତମାନଙ୍କର ପ୍ରତିଦ୍ୱନ୍ଦ୍ୱିତା ଓ କଳହ ଦେଖି କବି ଏହି ବିଦ୍ରୂପ କରିଛନ୍ତି । ଏଠାରେ କବିଙ୍କର ବ୍ୟଙ୍ଗ ବାଣ କି ଶାଣିତ ! କି ମର୍ମଭେଦୀ ! !

ସ୍ୱପ୍ନଦ୍ରଷ୍ଟା ଭିକାରୀଚରଣ ବିଦେଶୀ ଶାସିତ ଓଡ଼ିଶା ଆଦ୍ଧିକ ତତ୍କାଳୀନ ଭାରତର ଶିକ୍ଷିତ ବେକାର ସମସ୍ୟା ସମ୍ପର୍କରେ ଯେପରି ନିଖୁଣ ଚିତ୍ର ତାଙ୍କର କୃତିଗୁଡ଼ିକରେ ଦେଇଛନ୍ତି, ତାହା ଅନନ୍ୟ ଦୁର୍ଲଭ । ସେତେବେଳେ ଜାତିର ଆଶା ଅଭିଳାଷ, ସୁଖ ଦୁଃଖ ସହ ଯୋଗସୂତ୍ର ତୁଟାଇ ଏହି ଆଧୁନିକ ଶିକ୍ଷିତମାନେ ଇଂରେଜୀ ମଦମତାରେ କିପରି ନିଜର ମୌଳିକତା, ବୁଦ୍ଧି ବିବେକ ଓ ଆତ୍ମମର୍ଯ୍ୟାଦା ହରାଇ ବସିଲେ, କିପରି ଜାତିର ବିକାଶ ନ ହୋଇ ବିନାଶର ସୂତ୍ରପାତ ହେଲା, ପୁରପଲ୍ଲୀର ସରଳ, ପାରମ୍ପରିକ ବୃତ୍ତି ବ୍ୟବସାୟରେ କିପରି ଆସିଲା ଅଶୁଭ ଝଡ଼, ବିଶୃଙ୍ଖଳା, ତାହା ଭିକାରୀଚରଣ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରିଛନ୍ତି । "ଆଜି ଆମ ଦେଶ" (୧୯୪୦ ମସିହାରେ) ଇଂରେଜୀରେ କିପରି ଆକ୍ରାନ୍ତ ହୋଇଥିଲା, ତାହା ତାଙ୍କର ନିମ୍ନଲିଖିତ ବିଦ୍ରୂପାତ୍ମକ ପଦ୍ୟାଂଶରୁ ଅନୁମିତ ହେବ ।

"ଇଂରେଜ ଆସାକ ଉଠିଲେ ବଣ ମଲଙ୍ଗ ପରି,
ମିଠାରସ ଶୋଷି ଗଛରୁ ଗଲେ ସହଜେ ଝରି । × ×
ଇଂରେଜୀ ଇଂରେଜୀ ଜପିଲେ ସବୁ ହୋଇ ବାତୁଳ,
ଜାତି କୁଳ ବୃତ୍ତି ପାସୋରି କଲେ ଇଂରେଜୀ ମୂଳ ।× ×

ତା'ପରେ ବିଦେଶୀ ରାଜତ୍ୱର ଶେଷ ଭାଗରେ ଗୋଟିଏ ନୂଆ ଇଂରେଜୀ ଉଦ୍ଭବ ହେଲା । ସେଥିରେ ସାଧାରଣ ଇଂରେଜୀ ପରି ନିର୍ଦ୍ଦିଷ୍ଟ ଦରମା ନ ଥିଲା । କିନ୍ତୁ ମାନ ସମ୍ମାନ ଢେର ଅଧିକ । ଏହି ଇଂରେଜୀ ପ୍ରତି ଧନୀ ମାନୀ ବିଶେଷ ଲାଳାୟିତ ଓ ଆକୃଷ୍ଟ ହେଲେ । ସେମାନଙ୍କ ଭିତରେ ପ୍ରତିଯୋଗିତା ଭୀଷଣ ରୂପ ଧାରଣ କଲା । ବିଭ୍ରାଟ ଅଶାନ୍ତି ଓ ଦୁରାଗ୍ରହ ସମାଜରେ ଅନୁପ୍ରବିଷ୍ଟ ହେଲା ।

ସେମାନେ ନିଜ ନିଜର ଅହମିକା ଓ ଶକ୍ତି ସାମର୍ଥ୍ୟକୁ ବହୁଗୁଣିତ କରି ପ୍ରଚାର କରନ୍ତି ଓ କରାନ୍ତି; ନିଜେ ମାତି ମତୁଆଲ ହୁଅନ୍ତି ଏବଂ ଅନ୍ୟମାନଙ୍କୁ ଛଳେ ବଳେ କୌଶଳେ ଅତ୍ୟାଚାର କରନ୍ତି । ଏହି ଗୃହସ୍ଥ ହେଉଛନ୍ତି ମ୍ୟୁନିସିପାଲିଟି ଓ ଜିଲାବୋର୍ଡ଼ର ଚେୟାରମ୍ୟାନ ଓ କାଉନସିଲରଙ୍କର । ଏଥିପାଇଁ ପଃ ଭିକାରୀଚରଣଙ୍କର ଭ୍ରୂକୁଟି ବିକ୍ଷେପ ଓ ନାସିକା କୁଞ୍ଚନ କମ୍ ନୁହେଁ । ସେ ଗାଇଛନ୍ତି,

"ବିନା ବେତନରେ ଗୃହସ୍ଥ ହେବେ
ହୋଇଲା ସୃଷ୍ଟି,
ଥିଲେଲୋକ ସବୁ ଧାଇଁଲେ ତାଙ୍କ
ପଡ଼ିଲା ଦୃଷ୍ଟି ।
× × × × ଥରେ ଥରେ ତହିଁ ଧାଇଁକି
ଲାଗେ ଭେଟ ସୁଆଦ
ଦେଶପାଳ କର୍ମିଭିତରି
ଭେଟ ଲେଟେ ତାହାର
କେତେ ଲୋକ ମାତିଉଠନ୍ତି
ଲାଗେ ଯେତେ ଭିଆଣ,
କହିଲେ ସରିବ ନାହିଁ ତ
ଏଥି ସେହି ପୁରାଣ ।
ଘଣ୍ଟ ଠନ କାଢ଼ି ଯେ ଯେତେ
ଆଣି ଦାଣ୍ଡେ ଝଞ୍ଜନ୍ତି,
କାହାକୁ ମଉସା କାହାକୁ
ମାମୁଁ ଭାଇ ଡାକନ୍ତି ।"

ଏହିସବୁ କବିତା ପଢ଼ିଲେ କବିବର ରାଧାନାଥଙ୍କ 'ଦରବାର' କବିତା ସ୍ୱତଃ ମନେପଡ଼େ । ଏଥିରେ ଥିବା ବ୍ୟଙ୍ଗ ବିଦ୍ରୂ

"ଦରବାର"ରେ ରାଜା ଜମିଦାର, ଧନୀ ମାନୀ ପ୍ରଭୃତିଙ୍କ ଉପାଧି-ପ୍ରୀତି ପ୍ରତି କରାଯାଇଥିବା ବିଦ୍ରୂପାତ୍ମକ ମନ୍ତବ୍ୟଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ । ଏହା କବି ସେତେବେଳେ ଭୋଟ ପରେ ଦେଶବାସୀମାନଙ୍କ ଆଗରେ ନିର୍ବାଚନ ପ୍ରଥାର ଗୁରୁତ୍ୱ, ଦୋଷ ତ୍ରୁଟି ବର୍ଣ୍ଣନା କରି ଗାଇ ବୁଲୁଥିଲେ । ଏକ ପଇସା ଦୁଇ ପଇସା ଠାରୁ ଆରମ୍ଭ କରି ଅଧିକ ମୂଲ୍ୟର ପୁସ୍ତିକା " ଭୋଟ " "ଭୋଟ ଲଢ଼ାଇ" "ନେତା" ପ୍ରଭୃତି ସେ ନିର୍ବାଚନ ସମୟରେ ଲେଖି ପ୍ରକାଶ କରୁଥିଲେ । ସେଥିରେ ନିଜର କୌଣସି ବ୍ୟକ୍ତିଗତ ସ୍ୱାର୍ଥ କିଛି ଆଶା ନ ଥିଲା । ସେ ଇଚ୍ଛା କରିଥିଲେ ବିଭିନ୍ନ ସାଧାରଣ ସଂସ୍ଥାଗୁଡ଼ିକରେ ଅନାୟାସରେ ସଭ୍ୟ ହୋଇପାରିଥାନ୍ତେ । କାରଣ ନିଜର ସେତେବେଳେ ବିପୁଳ ଲୋକପ୍ରିୟତା ଥିଲା; ଅନେକଙ୍କ ଅନୁରୋଧ ସତ୍ତ୍ୱେ ସେସବୁ କ୍ଷମତା ଓ ସମ୍ମାନରେ ଜଳାଞ୍ଜଳି ଦେଇଥିଲେ । ସେ ଉତ୍କଳ ସାହିତ୍ୟ ପ୍ରେସରୁ ପ୍ରକାଶିତ ଏକ ପଇସା ମୂଲ୍ୟର ଏକ ପୁସ୍ତିକାରେ କିପରି ଗୋଟିଏ ବାସ୍ତବର ଚିତ୍ର ରୂପାୟନ କରିଛନ୍ତି, ତାହାର କିୟଦଂଶ ନିମ୍ନରେ ଦେଖନ୍ତୁ ।

"ଥରକୁ ଥର ତ ଏହିପରି,
କେତେ ହାଲ ଗୋଡ଼ ଧରାଧରି ।
ଭୋଟର କ ଭଣ୍ଡାର ବୋଲି ନ ପଚାରି
ଭୋଟ ଗଣାଗଣି ଗଲେ ସରି ।

ନିଜ ହାତେ ଅଧିକାର ଥାଇ
ଚଳାଇ ନ ଜାଣି ନିଜେ ଖାଇ
ନିଜ ଗାଲେ ନିଜ ଚଟକଣା ଖାଇ
ସୁଧାର କରିବା କାହିଁ ପାଇଁ ?"

ପରାଧୀନ ଦେଶରେ ଦେଇଥିବା ଏହି ଉପଦେଶ ଓ ନିର୍ଦ୍ଦେଶ ଆଜି ମଧ୍ୟ ସ୍ୱାଧୀନ ଦେଶରେ ଅକ୍ଷରେ ଅକ୍ଷରେ ସତ୍ୟ । ଦୁଇ ପଇସା ମୂଲ୍ୟର "ଭୋଟ ଭିକାରି"କୁ ଗୋଟିଏ ଅତ୍ୟାଚ୍ଛକାର, ନିଷ୍ପେଷିତ ଜାତିର ଅନ୍ତର୍ଦ୍ଦାହର ଜୀବନ୍ତ ପଟ୍ଟୋଚିତ୍ର ବୋଲି କହିବାକୁ ହେବ । ଯେତେବେଳେ ଜମିଦାରର ଚକାନ୍ତରେ, ସାହୁମହାଜନଙ୍କ ଋଣ ଜାଲରେ, ପୋଲିସ ଦାରୁଗାର ଧମକ ଚମକରେ, ମେଲେରିଆ ମହାମାରୀ ପ୍ରଭୃତି ବିଭିନ୍ନ ରୋଗ ଯନ୍ତ୍ରଣାରେ ଦେଶବାସୀମାନେ ନିଷ୍ପ୍ରାଣ, ନିଷ୍ପ୍ରଭ ଓ ମ୍ରିୟମାଣ ହୋଇଛନ୍ତି, ସେତେବେଳେ ଏହି ନିର୍ବାଚନ-ପ୍ରହସନ ଗୁରୁଣ କବିଙ୍କ ହୃଦୟରେ ବିଦ୍ରୋହର ଦାବ-ଦାହ ସୃଷ୍ଟି କରିଛି । ସେ ସରଳ, ସାବଲୀଳ ଓ ମର୍ମସ୍ପର୍ଶୀ ଭାଷା ଓ ଶୈଳୀରେ ରୂପ ଦେଇଛନ୍ତି; ସହସ୍ର ସହସ୍ର ହୃଦୟର କଥାକୁ—

"ଆମେ ତ ଗଲୁଣି ସରି
ଦାନା ଲାଗି କନା ଲାଗି ଝୁରି ଝୁରି
ରହିବୁ ମରି ନ ମରି । × × ×
ନାଲି ପାଗ ଦେଖି ଡରୁଁ
ଗାଆଁରେ ପଶିଲ ଦାରୁଗା ଶୁଣିଲେ
କବାଟ କିଳୁଥିଉ ଘରୁଁ
ଜମିଦାର ମହାଜନ,
ପ୍ରବଳ ପ୍ରତାପୀ ପଦଠାରୁ ବଳି
ଜାଣୁ ଏହି ଦୁଇ ଜଣ ।"

ଏହି ସମୟରେ "ଭୋଟ ଲୀଳା" ଲାଗିଛି, "କେତେ କୌତୁକ" ଲାଗିଛି । ଜଣକ ପରେ ଜଣେ ଆସି ଭୋଟ ସକାଶେ "ଦୁଆର ମୁହିଁରେ ଧାରଣା ଦେଲେଣି ।" ଜଣେ କବି ଜନତାର

ପ୍ରତିନିଧିତ୍ୱ କରି ଖରକ୍ତ ହୋଇ ପଡ଼ିଛନ୍ତି, ଏହି ଭୋଟ ଭିକାରୀମାନଙ୍କ ଗୃଠୁ ବାଣୀରେ ।

"ଧନେ ନାହିଁ କାଲେ ନାହିଁ
ଟଙ୍କେ ସୁହାଗରେ ଭାଙ୍କ ଗ୍ଲଉଛନ୍ତି
ଆରେ ଖଇ ଆରେ ଘଇ ।
ଶୁଣି ସେ ଉଠିଆ ଭାଇ,
ଅଙ୍ଗେ ଅଙ୍ଗେ ହାଡ଼ ଜଳି ଯାଉଅଛି
କଏ ସେ ହୋ ଏଗୁଡ଼ାଇ ।"

ତା'ପରେ ବିଭିନ୍ନ ଦଳର ପ୍ରଚାର ଓ ପ୍ରତିଶ୍ରୁତିକୁ କଠୁ ସମାଲୋଚନା କରିବା ସଙ୍ଗେ ସଙ୍ଗେ ଜନସାଧାରଣ ପଥ ନିର୍ଦ୍ଦେଶ କରିଛନ୍ତି ଏବଂ ସେ ଆଜିକାଲିର ପୋସଲଷ୍ଟମାନଙ୍କ ପରି ଭୋଟଦାତାମାନଙ୍କୁ ଭୋଟ ଅଧିକାରରୁ ବଞ୍ଚିତ ହେବାକୁ ନ କହି ଗଠନମୂଳକ ପରାମର୍ଶ ଦେଇଛନ୍ତି ।

"ଦେବ ନେଉଥାଇ ଜାମ
କାମ ଯେ କରିବ ଆସ ଭାମ କର
ନ ଖୋଜି ପଦାକୁ ନାମ । X X X
ଧନ-ଜନ-ମନଯୋଗ
ତିନି ମେଳ ହେଲେ ଉଠିପିବ ଦେଶ
ହଟିଯିବ ସବୁ ରୋଗ । X X X
ଭୋଟ ଦେବାକୁ ତ ହେବ
କଏ କେଉଁ ଦଳ ନ ଭାବୁଥି ତୁମେ
ଯୋଗ୍ୟ ଲୋକ ଦେଖି ଦେବ ।"

ସ୍ୱାଧୀନତା ଆନ୍ଦୋଳନ ହେଲବେଳେ ଦେଶରେ ନେତୃତ୍ୱ ପାଇଁ ତୀବ୍ର ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଦେଶ ସେବା ନାମରେ ଆତ୍ମ ସେବାହିଁ ମୂଳ ହେଲା "ଦରବାର"ରେ ଯେପରି କବି ରାଧାନାଥ ଉପାଧି ଲାଭ ପାଇଁ ପୋଲିସଠାରୁ ଆରମ୍ଭ କରି ରାଜା ଜମିଦାର ପର୍ଯ୍ୟନ୍ତ ସକଳର ଅସାର ଆଡ଼ମ୍ବର ଓ ଅହମିକା ପର୍ଯ୍ୟନ୍ତ ସକଳର ଅସାର ଆଡ଼ମ୍ବର ଓ ଅହମିକା ପ୍ରଦର୍ଶନର ଗୋଟିଏ ସରସ ବର୍ଣ୍ଣନା ଦେଇଛନ୍ତି, ଭିକାରି ଚରଣ ସେହିପରି "ନେତା" ଶୀର୍ଷକ ଏକ ପୁସ୍ତିକାରେ ନେତୃତ୍ୱ ପାଇଁ ଉଚ୍ଚ ଶିକ୍ଷିତ, ଧନୀ ଜମିଦାର, ସାହିତ୍ୟିକ, ବକ୍ତା, ମହାଜନ, ଓକିଲ, ଅବସରପ୍ରାପ୍ତ ରାଜ କର୍ମଚାରୀ, ମହନ୍ତ ପ୍ରଭୃତି ଲୋକମାନଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ଓ ବାହାଦୁରୀକୁ ବିଦ୍ରୂପାତ୍ମକ କଟାକ୍ଷପାତ କରିଛନ୍ତି । ଏହି ଦୁଇଟି ଚିତ୍ରରେ ସୁନ୍ଦର ସାମଞ୍ଜସ୍ୟ ପରିଦୃଷ୍ଟ ହୁଏ । କିନ୍ତୁ ଭିକାରି ଚରଣଙ୍କର ସାବଲୀଳ ଶୈଳୀ ସରଳ ଭାଷା ଓ ସରସ ବ୍ୟଙ୍ଗ ବିଦ୍ରୂପ ଅତ୍ୟନ୍ତ ସ୍ୱକୀୟ ଓ ମନୋରମ । ଦୃଷ୍ଟାନ୍ତ ସ୍ୱରୂପ କେତେକଣଙ୍କର ଉକ୍ତି ନିଆଯାଇପାରେ ।

ନେତା ନେତା ବୋଲି ସମସ୍ତେ କହନ୍ତି କିଏ ନେତା
କେ ତା' ଚିହ୍ନିବ,
ନେତା ନେତା କରି ନେତା ଫିରୁଛନ୍ତି
କିଏ ଥାକଳ କେ ଜାଣିବ ?
~~ଟେକ~~ ବୋଲଇ ମୁହିଁ ଏମ୍. ଏ. ବି. ଏ. ଡିଗ୍ରି
ବାହାଧି ଅଛିଲି ଦୋଳକୁ,
ନେତା ହେବାପାଇଁ ଦାବୀ ହେଲା ମୋର
ଆଜ ମୁଁ [illegible]

କେ ବୋଲଇ ଦେଖ କୋଠାକୁ ମୋହର
ଅନା ମୋର ଗାଡ଼ି ଘୋଡ଼ାକୁ,
କେମନ୍ତ ଷ୍ଟାଇଲର ବାଳ ମୁଁ କାଟିଛି
ଗୃହିଣୀ ମୋର ଜାମା ଯୋଡ଼ିକୁ ।
କେହୁ ବୋଲେ ମୁହିଁ ଲେଖିପାରେ
କାବ୍ୟ କବିତା ପ୍ରବନ୍ଧ ସୁନ୍ଦର,
ନେତା ବୋଲି ମୋତେ ନ ମାନିବ
ଯତ୍ନ କରିଦେବ ତାକୁ ବାହାର ।
କେହୁ ବୋଲେ ଗୋଟା ଭଲ ଉକିଲ
ମୁଁ ମକ୍କେଲ ମୋର ବହୁତ,
ଏତେ ଦମ୍ଭ କାର ନେତା ନୁହେଁ ବୋଲି
କିଏ ସେ କହିବ କହ ତ ? ଇତ୍ୟାଦି

ଏହିପରି ସମସ୍ତଙ୍କର ବାଗାଡ଼ମ୍ବର ଓ ବାହାସ୍ଫୋଟ କବିଙ୍କୁ ଅତିଷ୍ଠ କରାଇଛି । ସେ ଦେଖିଛନ୍ତି ଏହାଦ୍ୱାରା ଜାତିର ପ୍ରଗତି ଅସମ୍ଭବ । ତେଣୁ ସେ ବ୍ୟଙ୍ଗ କରି କହିଛନ୍ତି—

“ଉତ୍କଳ ଜନନୀ ନେତା-ପ୍ରସବିନୀ କେତେ
ନେତା ଗଢି ଫିଙ୍ଗୁଛି,
ନେତା ଗୋଳ ନେତା ଗୋଳମାଳ ତା ବୋଲ
କଲ କଲ୍ଲୋଳିତ କମ୍ପୁଛି ।
× × × ଯହିଁ ଦେଖ ତହିଁ ନେତା ପଣପଣ
ନେତାଗଣ ବଣ ବଢ଼ିଲା,
ତେବେ ତ ଉତ୍କଳ ମାତାଙ୍କ ନୟନୁ
ଲୋତକ ଧାର ନ ଶୁଖିଲା ।

ଯା' ରକ୍ତ ବଦଳରେ ଶୋଷିଲ ଶୋଣିତ
ତା' ଅଶ୍ରୁ ଯେବେ ନ ପୋଛୁ,
ତୋଡ଼ିଯାଉ ନେତାପଣ ସମସ୍ତଙ୍କ
ନେତା ନାମରୁ କି ଫଳିବ ?"

ଏହି ଅଗ୍ନେୟ ବାଣୀରେ ଉତ୍କଳୀ କବି ଜାତି ନେତାମାନଙ୍କୁ ଚେତାବନୀ ଶୁଣାଇଛନ୍ତି । ଏପରି ନେତାମାନଙ୍କ ଦେଶ ସେବା ମନୋବୃତ୍ତି ବି ଉଣା ନୁହେଁ ଏବଂ ପ୍ରାଣାନ୍ତକ ଚେଷ୍ଟା ବି କମ୍ ନୁହେଁ । ଦେଶର ଉନ୍ନତି ପାଇଁ ଏମାନଙ୍କ ଯୋଜନା ଓ କଳ୍ପନା ଅସୁମାରି । କିନ୍ତୁ କେବଳ ସମୟାଭାବରୁ ଏସବୁ କାର୍ଯ୍ୟକାରୀ ହୋଇପାରୁ ନାହିଁ ବୋଲି ଏହି କୁହାଃମୁଣ୍ଡା କପିଳାଙ୍କ ଦୁଃଖ । ଦେଶ ସେବା କବିତାଟିରେ କବି ଗୋଟିଏ ନିଚ୍ଛକ ଚିତ୍ର ଦେଇଛନ୍ତି ।

"ଦେଶର ସେବକ ମୁଁ ଜଣେ ଖାଲି ଦେଶ ସେବାରେ,
ମନ-ପ୍ରାଣ ଢାଳି ଦେଇଛି ସଦା ଦେଶ ଚିନ୍ତାରେ ।
ଯେତେ ଯା କଳ୍ପନା କରୁଛି ଦେଶ ଉଦ୍ଧାର ପାଇଁ,
କାର୍ଯ୍ୟେ ପରିଣତ ନୋହୁଛି ଅବସର ନ ପାଇ ।
ଚାନ୍ଦା ଦେଇ ଘଣ୍ଟା କିଣିଲି କେତେ କରି ଯତନ,
ସେ ପୁଣି ନ ଶୁଣେ ମୋ ବୋଲ କେତେ ଦମାକା ପଣ ।"

ଏହି ନେତା ମହାଶୟ ଶେଯରୁ ଉଠୁ ଉଠୁ ଦିନ ଦୁ'ଘଡ଼ି ହୁଏ, ନିତ୍ୟକର୍ମ ସାରୁ ସାରୁ ଦୁଇ ପହର ହୁଏ । ଏହିପରି ସମୟ ଗଡ଼ି ଚାଲେ । ନିଜର କୁଅଭ୍ୟାସରେ ଓ ବିଭିନ୍ନ ପାରିବାରିକ ଜଞ୍ଜାଳରେ ସମୟ ବିତେ । କିନ୍ତୁ ଦେଶ ସେବା ପାଇଁ ମନଟା ଖାଲି ଛଟପଟ

ହୁଏ । ଅବସର ଅଭାବରୁ କେବଳ ସେ ନିସ୍ପୃହ କାମନା (**Pious wishes**) ବ୍ୟକ୍ତ କରିଛନ୍ତି ।

"କାଳଟି ଚଞ୍ଚଳ ନ ହୋଇ ଯେବେ ସ୍ଥିର ରହନ୍ତା,
ତେବେ ଅବା ମୋତେ କେଉଁଠି ଅବସର ମିଳନ୍ତା । × ×
ଉଠାଇ ଧରନ୍ତି ଦେଶକୁ ଦକ୍ଷ ହାତ ବଳରେ,
ଦେଖିଲେ ଜାଣନ୍ତ କଏ ମୁଁ ରଖିଅଛୁ ମନରେ ।
ଦେଶର ଦୁର୍ଯୋଗ, ସୁଯୋଗ ଘଟୁ ନାହିଁ ତ ବେଳେ,
ଦେଶ ସେବାରେ ମୋ କି ଦୋଷ ଭାଇ କହିଲ ତେବେ ?"

ଏହାପରେ ନେତୃତ୍ୱଶୂନ୍ୟ ତଥାକଥିତ ଦେଶବାସୀଙ୍କ ପ୍ରତି ତାଙ୍କର ବିଦ୍ରୂପାତ୍ମକ ସମାଲୋଚନା ଅତ୍ୟନ୍ତ ମର୍ମଭେଦୀ ଓ ଉପଭୋଗ୍ୟ । ବକ୍ରୋକ୍ତି ଓ ଅତିଶୟୋକ୍ତିର ସୁଷମ ସମାବେଶରେ କବିତାଟି ସୁନ୍ଦର ଓ ସରସ ହୋଇଛି । ଦେଶର ଉନ୍ନତି ପାଇଁ କର୍ମବୀର ଆବଶ୍ୟକ । ବାକ୍ୟବୀରମାନଙ୍କ ସଂଖ୍ୟାବୃଦ୍ଧିରେ କିଛି ଯାଏ ଆସେ ନାହିଁ । ଆଜିକାଲି କେତେ ଦେଶରେ ନେତାମାନଙ୍କ ବାକ୍‌ପଟୁତା ବିଶେଷ ପରିମାଣରେ ପ୍ରକାଶିତ ହୁଏ ଏବଂ କାର୍ଯ୍ୟ କରିବାର ନିଷ୍ଠା ଓ ପ୍ରଚେଷ୍ଟା ନାହିଁ, ତାହା କବି "କଟାକ୍ଷ" ଶୀର୍ଷକ ଏକ କବିତାରେ ସ୍ପଷ୍ଟଭାବେ ଉଲ୍ଲେଖ କରି ସେମାନଙ୍କୁ ତୀବ୍ର ବ୍ୟଙ୍ଗ କରିଛନ୍ତି ।

"ଜାଗନା ଜାଗନା ଉତ୍କଳ-ମାତା ଗୋ !
ପୁଏ ସବୁ ଯୋଗୀ ହେଲେଣି,
ଦେଖି ବୃକ୍ଷ ଥିବ କଥା କାରଖାନା
କେତେକ କଏ ଖୋଲି ଦେଲେଣି ।

ପାଠ ପଢ଼ୁ ପଢ଼ୁ ଅନ୍ତ ଗୁଡ଼ୁଗୁଡ଼ୁ
ହଉଛହା କେମ୍ବ୍ରିଜ ପୂରବ
ପାଠ ନ ସରୁଣୁ ଧରନେଲ ବାଇ
ଭୃତ୍ୟଗିରି କାଣ୍ଡ ମିଳବ ।
ଜଣାଅ ଜନନୀ ! ପ୍ରଭୁଙ୍କ ଚରଣେ
ସୁମତି ଏହାଙ୍କୁ ଦଅନ୍ତୁ,
ଶୂଦ୍ର ବୁଦ୍ଧି ଗୁଣ୍ଡ ପେଟ ଲଗି ଆଗେ
ବୈଶ୍ୟବୃତ୍ତି ସବେ ଧରନ୍ତୁ ।”

ଗୃହସ୍ଥ ଲାଳସା ଓ ବାଗାଡ଼ମ୍ବରକୁ ସମାଲୋଚନା କରିବା ସଙ୍ଗେ ସଙ୍ଗେ ସେ ଶିଳ୍ପ ବାଣିଜ୍ୟ ପ୍ରତି ସେମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଆମର ଦୈନନ୍ଦିନ ଜୀବନକୁ ଦୂଷିତ କରୁଥିବା ଅନେକ ଦୁର୍ଗୁଣ ପ୍ରତି ସଂସ୍କାରଲକ୍ଷ୍ୟ କବି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । 'ବଡ଼ଗୁଣ' ଶୀର୍ଷକ କବିତାଟି ଅତି ସରସ, ସୁତୀକ୍ଷ୍ଣ ଓ ବ୍ୟଙ୍ଗାତ୍ମକ । ଏହାର ସମସ୍ତ ପଦ ଅତ୍ୟନ୍ତ ଉପଭୋଗ୍ୟ ଓ ଆକର୍ଷଣୀୟ । ସେ ଲେଖିଛନ୍ତି—

“ବଡ଼ ହେବ ଯେବେ ଶୁଣ
ପ୍ରଥମରୁ ଶିଖି ରଖ ଗୋଟି ଗୋଟି ଯେତେ ତାହା ବଡ଼ଗୁଣ ।
ଘରକୁ ନ ଥାଇ ଭାତ
ଦାଣ୍ଡକୁ ରଖିବ ଜାପା ଯୋଡ଼ା ଝଣ୍ଟି ହଲଇ ଚାଲିବ ହାତ ।
ଦୁନିଆଁ ଜାଣିବା ପାଇଁ
ନିତି ନିତି ଆଗେ ଜାଗା ଉଣ୍ଡି ଉଣ୍ଡି ମୁଣ୍ଡିଆ ମାରିବ ଯାଇ ।
ଖୁସାମତି ବଡ଼ ଧନ
ଖୁସାମତି ଯେବେ କରି ଶିଖିଥିବ କିଣିଦେବ ତ୍ରିଭୁବନ ।

ମତ କେବଳ ନିନ୍ଦା କଥା
ମୋଣି ରହିଥିବ ସଭ୍ୟ ସମିତିର ହାଙ୍କିବା ହଲଇ ମଥା ।''

ଏହାପରେ ପ୍ରତ୍ୟେକ ଯୁଗ ଆଜିର ନେତୃମଣ୍ଡଳୀ ପ୍ରତି ଏକ ଅବ୍ୟର୍ଥ ଶର ସନ୍ଧାନ । ୧୯୧୮।୧୯୧୯ ମସିହାରେ ଲିଖିତ ଏହି କବିତାଗୁଡ଼ିକର ମହତ୍ତ୍ୱ ଓ ସତ୍ୟତା ଏବେ ମଧ୍ୟ ଅମଳିନ; ବରଂ ଅଧିକ ପ୍ରଯୁକ୍ତ୍ୟ ଓ ଯୁଗୋପଯୋଗୀ ।

ଆଜିର ବିଜ୍ଞାନ ଯୁଗରେ ମନୁଷ୍ୟ କପଟେ ନିଜକୁ ସର୍ବ ଶକ୍ତିମାନ୍ ମନେକରି ଅହମିକା ଓ ଆତ୍ମପ୍ରେ ତିରେ ଲିପ୍ତ ରହୁଛି, ତାହା କବି ଢ଼ିକାଶ୍ରି ଚରଣ "ବିଧାତା ବଦାନ୍ୟ" ଓ "ଦୁନିଆଁ-ନିଆଁ" ପ୍ରଭୃତି କେତୋଟି ବ୍ୟଙ୍ଗାତ୍ମକ କବିତାରେ ସରସଭାବରେ ବର୍ଣ୍ଣନା କରିଛନ୍ତି । ମନୁଷ୍ୟ ବିଜ୍ଞାନ ବଳରେ ବିଧାତାର ଅସ୍ତିତ୍ୱରେ ସନ୍ଦିହାନ ହେଉଛି; ଅହଂ ଭାବରେ ବୁଡ଼ିରହି ସମସ୍ତ ଅନ୍ୟାୟ ଅତ୍ୟାଚାର ଓ ସ୍ୱାର୍ଥଲିପ୍ସାରେ ଜୀବନ ନିର୍ବାହ କରୁଛି । ସେ ଧର୍ମ ପ୍ରତି ଆସ୍ଥାହୀନ ହୋଇ ନାସ୍ତିକ ପାଲଟିଛି । 'ବିଧାତା ବଦାନ୍ୟ'ରେ କବି ବ୍ୟଙ୍ଗ କରି କହନ୍ତି—

"ଦୁଷ୍ଟ ଶିରେ ଶୋଭେ ସୁବର୍ଣ୍ଣ ମୁକୁଟ ଶିଷ୍ଟ ହାତେ ଲୁହାକଡ଼ି
ଦେଖିଲେ ବୁଝିବ କେମନ୍ତେ ମନୁଷ୍ୟ ବିଧାତାକୁ ହେଲେ ଭଣ୍ଡ ।

× × ×

କେତେ ମହାବଳୀ ବିଧାତାକୁ ଟାଳି ଚମକ ଉଠିଲେ ଉର୍ଦ୍ଧେଁ
ବିଧାତା ବିଚାର କନାକନା ଦେଇ ଛାଡ଼ି ପଳାଇଲ ତଳେଁ ।''

ଦୁର୍ବଳ ଉପରେ ପ୍ରବଳର ଅତ୍ୟାଚାର ବଢ଼ି ଚାଲିଛି । ଅନ୍ୟାୟ ଅନୀତିର ସୀମା ରହୁନାହିଁ । "ଦୁନିଆଁ-ଫେର୍ମ"ରେ କବି ଦେଖାଇ ଅଛନ୍ତି—ସୃଷ୍ଟିରେ ଯୁଗାନ୍ତକାରୀ ପରିବର୍ତ୍ତନର ଆଶା ରଖି ଆଜି ମଣିଷ ଉଚ୍ଛନ୍ନ ଓ ଉନ୍ମତ୍ତ ହୋଇ ଉଠୁଛି । କବି ଏହାକୁ ବ୍ୟଙ୍ଗ କରି କହୁଛନ୍ତି ଯେ, ଗୋଟିଏ ଦୁନିଆଁ ଫେର୍ମ ସଭ୍ୟ ଗଢ଼ି ଏହି ବିଜ୍ଞାନ-ବଳରେ ମହାବଳୀମାନେ ସମସ୍ତ ସୃଷ୍ଟି ଶକ୍ତିକୁ ଅକ୍ତିଆରରେ ରଖିବାପାଇଁ ଚେଷ୍ଟା ଚଳାଇଛନ୍ତି ।

"ଏ ସବୁ ଗଠନେ ନ ହେଲେ ତତ୍ପର ନ ଯିବ ଦୁଃଖ ଆମ୍ଭର
ଏବୁଦ୍ଧା ବଧାତା ଥିବାଯାଏ କେତେ ହେଉଥିବା ହରବର ।"

"ନ ଦେଖିଲ ପୁଏ ଦେଖ" ଶୀର୍ଷକ କବିତାରେ କୁନ୍ତଳା କବି ଦେଖାଇଛନ୍ତି, କପରି ଏସବୁ କାରଣରୁ ନିର୍ଗୁଣର ଆଦର ଓ ଗୁଣୀର ଅନାଦର ବଢ଼ିଛି । ଲକ୍ଷ୍ମୀ ହେତୁ, ଚୋରବଲ୍ଲଭ ଛାପ ବ୍ୟାପୁଛି, ନିର୍ଦ୍ଦୋଷ ଉପରେ ଅତ୍ୟାଚାର ଓ ଦୋଷୀ ପୁରସ୍କୃତ ହେଉଛି । କବି ନିଜର ସ୍ୱତନ୍ତ୍ର ତଥା ସରସ ଓ ସାବଲୀଳ ଗୀତରେ ଏହା ଲେଖିଛନ୍ତି—

"ପାଣିରେ ଲାଗଇ ଗାର ଆହା କି ସନ୍ଥ ବିଚାର
କହୁନା ପୁଅକୁ ହୁଅଛି କୁହାର, ସହୁନା ପୁଅକୁ ମାର
ଟଙ୍କା ଥିଲା ପୁଏ, ଲଙ୍କାକୁ ନ ଡରି, ନ ଥିଲା ପୁଅକୁ ଶଙ୍କା
ନେଲା ପୁଅଙ୍କର ଦାଉ, ଦେଲା ପୁଅ ମଦଉଁଆଉ,
ଅଦଆ ପୁଅକୁ କେହୁ ନ ମାଗନ୍ତୁ ଖୁସିରେ ବସ ବସି ଖାଉ ।"

ଏହିସବୁ ମନ୍ତବ୍ୟର ଗୁରୁତ୍ୱ ଓ ଅର୍ଥ ଅଛି [illegible]
ବୁଝାଇବାକୁ ପଡ଼ିବ ନାହିଁ । କାରଣ ଏହା [illegible]

କଥା, କୁଟିଳ ସଂସାରର ତିକ୍ତ ଅନୁଭୂତି । ସେଥିପରେ ନାସ୍ତିକମାନଙ୍କୁ ଛାଡ଼ିଦେଲେ; ଆସ୍ତିକ ଯେଉଁ କେତେଜଣ ଅଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ଭଗବାନଙ୍କ ନାମରେ, ଧର୍ମର ଛଳନା କରି ବହୁଳ ଦୁର୍ନୀତି ଦୁରାଗ୍ରହରେ ଯେପରି ନିମଜ୍ଜିତ, ତାହା ବ୍ୟଙ୍ଗପଟୁ କବି ଭିକାରୀ ଚରଣ "ହରି ହରି ବୋଲ", "ଗୋବିନ୍ଦ ବୋଲ" ନାମକ ଦୁଇଟି କବିତାରେ ସରଳ ଓ ସରସ ରୂପରେ ରୂପାୟନ କରିଛନ୍ତି ।

ଅତୀତର ଗୌରବ ପାଇଁ କେବଳ ଗର୍ବ ଅନୁଭବ କରିବା ବୃଥା । ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ଗୌରବାବହ ଓ ସମୃଦ୍ଧ ଥିଲା କହି ନାକଟେକି ଓ [illegible] ରହିଲେ ଓଡ଼ିଆ ପୁଅର ଭୋକିଲା ପେଟ ପୂରିଯିବ ନାହିଁ । ଏହି ଅପାର ବଢ଼ିମା ଓ ଆତ୍ମଶ୍ଲାଘାକୁ ସତ୍ୟାନୁଭୂତି ଓ ସ୍ୱାଧୀନଚେତା ଭିକାରୀ ଚରଣ ତାହା ସମାଲୋଚନା କରିଛନ୍ତି, ତାଙ୍କର 'ଶୋଇଥା ଶୋଇଥା', 'ଦେଖୁଥା ଦେଖୁଥା', 'ଗଣୁଥା ବସି', 'ବଢ଼ୁଥା ବଢ଼ୁଥା' ପ୍ରଭୃତି ବିଦ୍ରୂପାତ୍ମକ କବିତା ମାଧ୍ୟମରେ । କବି 'ଶୋଇଥା ଶୋଇଥା'ରେ ବ୍ୟଙ୍ଗ କରି ଗାଇଛନ୍ତି—

"ଓଡ଼ିଆ ପୁଅଙ୍କ ଓଡ଼ିଆ କପାଳ ଜଗତେ ନ ଥିବ କାହିଁ
ସୂର୍ଯ୍ୟ ପରି ତାଙ୍କ ଶୂନ୍ୟାକର ପୂର୍ବ, ସମସ୍ତେ ଦେଖିବେ ଚାହିଁ ।
ମିଛ ଆମ୍ବଗଛେ ମିଛେ ଆମ୍ବ ଫଳେ ମିଛେ ମିଛେ ଆମ୍ବ ପାଚେ
ମିଛେ ମିଛେ ତୋଳି ମିଛେ ମିଛେ ଖାଇ ଓଡ଼ିଆ ପୁଅଟି ନାଚେ ।
ଘର ଭଗାରିଏ ଉଠନ୍ତି ଭଉକୁ ଭଉରୁ ପଡ଼ିବା ଡର
ରହିଥାଏ ଜାଣି ଓଡ଼ିଆ ପୁଅଙ୍କ ନିମ୍ନଗତି ନିରନ୍ତର ।"

ଓଡ଼ିଆ ପୁଅ ମନେ ମନେ ସବୁ କିଛି କଳ୍ପନା କରିପାଏ; କିନ୍ତୁ ତାକୁ କାର୍ଯ୍ୟକାରୀ କରିବାକୁ ତା'ର ଚେଷ୍ଟା କି ଅନ୍ତରିକତା ନ ଥାଏ । ପୁଣି ପତନ ଭୟରେ ସେ ଉତ୍ଥାନ ପାଇଁ ଚେଷ୍ଟା କରେ ନାହିଁ । ତେଣୁ କ୍ରମିକ ଅବନତହିଁ ତାର ସ୍ୱାଭାବିକ ପରିଣତି । ଓଡ଼ିଆ ସମସ୍ତ ଅନ୍ୟାୟ ଅତ୍ୟାଚାରକୁ ମୁଣ୍ଡପାତି ସହିଯାଏ; ଭୂମି ପଥରଠାରୁ ମଧ୍ୟ ତା'ର ସହିଷ୍ଣୁତା ଅଧିକ ଏଥିରେ ସନ୍ଦେହ ନାହିଁ । ବାଣିଜ୍ୟ ବିଷୟ ପଚାରିଲେ ସେ ତା'ର ବୋଇତ ବନ୍ଦାଣ ଓ ସାଧବ ବେପାର କଥା କହେ, ଶିଳ୍ପ କାରଖାନା କହିଲେ ସେ ତା'ର କୋଣାର୍କକୁ ଦୃଷ୍ଟାନ୍ତ ଦିଏ । କିନ୍ତୁ ଆଜି ଅନ୍ୟମାନେ ବାଣିଜ୍ୟ ଓ ଶିଳ୍ପରେ ବିଶେଷ ଉନ୍ନତି କରିଥିଲେ ସୁଦ୍ଧା ଓଡ଼ିଆ ରହିଛି ପଛରେ ପଡ଼ି । କବି ଯଥାର୍ଥରେ କହିଛନ୍ତି—

"କେଜାଣି କାହିଁକି ଓଡ଼ିଆ ଶୋଣିତ
ଥଣ୍ଡା ହୋଇଗଲା ଆସି
ହାଣ କାଟ ମାର ଯେତେ ପାହା କର,
ଓଡ଼ିଆ ଉଡ଼ାଏ ହସି ।
କାହୁଁ କାହୁଁ ଲୋକେ ବାଣିଜ୍ୟ କୌଶଳେ
ଓଡ଼ିଆର ଧନେ ପଶି
ବୋହି ନେଉଛନ୍ତି ଖୁଦ କଣିକି
ଓଡ଼ିଆ ଦେଖନ୍ତି ବସି ।"

କବି ତେଣୁ ପରିହାସରେ କହିଛନ୍ତି—

"ଶୋଇଥା ଶୋଇଥା ଓଡ଼ିଆ ପୁଅ ରେ
ଶୋଇବାଠା ବଡ଼ ମଜା
ନାହିଁ ତ ପଛୁଆ ସମସ୍ତେ ଜାଣନ୍ତି
ଉଡ଼ୁଥିଲେ ଲାଗ ଆଜା ।

ସେଥିପାଇଁ "ଦେଖୁଥା, ଦେଖୁଥା" କବିତାଟିରେ ଓଡ଼ିଆ ଜାତିର ବୃଥା କାଳକ୍ଷେପଣ ନୀତି ଓ ନିଶ୍ଚେଷ୍ଟତାକୁ ବିଦ୍ରୂପ କରି ଗାଇଛନ୍ତି--

"ଶୂନ୍ୟ ଗଗନକୁ ଅନାଇଁ ରହିଥିଲେଟି ନୋହିଲେ
ଆକାଶରୁ ଲଡୁ ଖସିବ ଆଶା ପୂରିବ ବେଳେ ।"

ପୁଣି— "ଖଣି ଖଣି ପାଚି ସୁବର୍ଣ୍ଣ ଫଳ ପଡ଼ୁଛି ଝଡ଼ି
ଖାଇ ନ ଜାଣନ୍ତି ଓଡ଼ିଆପୁଏ ମରନ୍ତି ଗଡ଼ି ।
କେତେ ଜାତି ଆସି ଅମୀୟ ଶୋଷି ଚଳାନ୍ତି ଉଡ଼ି
ଓଡ଼ିଆ ପୁଅଙ୍କୁ ନ ମିଳେ ମୁଠା ପେଟଠା ମୁଢ଼ି ।"

(ଗଣୁଥା ବସି)

ଏହି କବିତାଟିରେ ଲେଖକ ଜାତି-ଜନକ ମଧୁସୂଦନଙ୍କ ମାଙ୍କଡ଼ କଥା ଦୃଷ୍ଟାନ୍ତ ଦେଇଛନ୍ତି । ଏହି କଥା ମଧୁସୂଦନ ବାରମ୍ବାର ଆମର ଜାତି ଉପଲକ୍ଷେ କହନ୍ତି । ସେ କଥାଟି ହେଉଛି ଯେ, "ଜଣେ ଟୋକା ଜଗୁଆଳି ଗଛତଳେ ବସି ନିର୍ଭୟରେ ଫଳ ଖାଉଥିବା ଗୋଟିଏ ମାଙ୍କଡ଼କୁ ଟେକା ମାରି ଯେତେ ଭୟ ଦେଖାଇଲେ ସୁଦ୍ଧା ମାଙ୍କଡ଼ଟି ଯାଏ ନାହିଁ । ବରଂ ସେ ଥରେ ଥରେ ଦାନ୍ତ ନିକୁଟି ଲୋକଟିକୁ ଉପହାସ କରେ । ଜଗୁଆଳିଟି ସାହସ କରି ଯେତେବେଳେ ଟେକାଟିଏ ଦୌଡ଼ିଯାଏ କିମ୍ବା ଟେକା ଫୋପାଡ଼ିଦିଏ, ମାଙ୍କଡ଼ ଭୟରେ ଗଛରୁ ଓହ୍ଲାଇଯାଏ ।" ସେହିପରି ଓଡ଼ିଆ ପୁଅ କୌଣସି ପ୍ରକୃତ କାର୍ଯ୍ୟ ନ କରି କେବଳ ଅନ୍ୟକୁ ସମାଲୋଚନା କଲେ କିମ୍ବା ବାହାର ଲୋକେ ଆସି ସବୁ ନେଇଯାଉଛନ୍ତି ବୋଲି କହିଲେ ବିଶେଷ ଲାଭ ହେବ ନାହିଁ । ଧନ ନ ଗଣି ସେ କାର୍ଯ୍ୟକ୍ଷେତ୍ରରେ ନିରନ୍ତର ଓ ଉନ୍ମାଦନାରେ ଅଗ୍ରସର ହେବା ଉଚିତ । କବି ତେଣୁ କହୁଛନ୍ତି—

"ଗଣାଗଣି ପାଠ ପାଣ୍ଡୋର ଲାଗିଗଲେ ଲାମନରେ
ସିଂହ ପଡ଼ ଅଖି ଉଡ଼ୁଛି ଛୁଡ଼ା ହେବ ଦାଣ୍ଡରେ ।" × ×

ନରେନ୍ଦ୍ର

ଗଣି ଗଣି ରଙ୍ଗ ସାଗର ତେଜ ନ ହେବ ନନ୍ଦନ
ଅପାର ଜଳଧି ଜଳରେ ବୁଡ଼ିଯିଉଛି ଦେଶ ।"

ବାଙ୍ଗାଳୀ ଜାତି ଅନେକ ଦିଗରେ ଅଗ୍ରଗତ କରୁ ଚାଲିଛନ୍ତି । କଏ ଶିଳ୍ପରେ, କଏ ବିଜ୍ଞାନରେ, କଏ କଳାରେ, କେ ଏ ବାଣିଜ୍ୟରେ ବିଶେଷ ଉନ୍ନତି କରିଛନ୍ତି । କିନ୍ତୁ ଆମେ କେଉଁ ଦିଗରେ ବଢ଼ିଛୁ ? ଏହି କଥା "ବଢ଼ୁଥା ବଢ଼ୁଥା" କବିତାରେ କବି ଦେଖାଇଛନ୍ତି ।

"ବଢ଼ୁଥା ବଢ଼ୁଥା ଆଖି ବୁଜି ଭାଇ
ଯେ ପାର ଯେସନ୍ତ ବଢ଼ି
ସବୁଠାରୁ ବଡ଼ ଦଶିବ ଗୁହୁଁଲେ
ନଡ଼ିଆ ଗଛରେ ଚଢ଼ି ।
ବଡ଼ ଥିଲେ ଆମ୍ଭ ପୂର୍ବ ପୁରୁଷ
ବଡ଼ ଦେଉଳକୁ ଅନା
ଯାହାକୁ ପଚାର ଜଗତେ ଏ କଥା
କେହି ନ କରିବେ ମନା ।"
× × ଧାନଦଉଲତ ବଢ଼ିଲା କାହାର
ମାନରେ ବଢ଼ିଲେ କେହି
ଶତଗୁଣେ ଆମ୍ଭ ଦାରିଦ୍ର୍ୟ ବଢ଼ିଛି
କେନାହେ କ ବଢ଼ିବା ଏହି ।

ବଢ଼ୁଅଛି ଦେଶେ କାଙ୍ଗାଳଙ୍କ ସୀମା
ବଢ଼ୁଅଛି ଆମ୍ଭ ଦୁଃଖ
ଚାଟୁଆ ଘଇକ ବୋଝ ବେଲକୁ
ବଢ଼ୁଅଛି ଯଉତୁକ ।"

ତା'ପରେ କପଡ଼ା, ତେଲ ଦ୍ରବ୍ୟର ଦର, ନିଶାସବ୍ୟସନ, ବିଡ଼ି ସିଗାରେଟ ଧୂଆଁ, ବଲଗା ବେଗ, ମଶାମାଛି, ବାଲୁଆ କୁକୁର, ସାଲଚୀ, ବ୍ରାହ୍ମଣୀ, ମହାନଦୀ ପ୍ରଭୃତି ଓଡ଼ିଶାରେ ସମସ୍ତ ବଢ଼ିଛି, ତାହା ହାସ୍ୟରସିକ କବି ସରସ ଭାବରେ ବର୍ଣ୍ଣନା କରିଛନ୍ତି । ସମସ୍ତଙ୍କର କପଟ ବାହ୍ୟାଡ଼ମ୍ବର ଓ ସଭ୍ୟ ବେଶଭୂଷାରେ କପଟ ଶଠତା ବଢ଼ିଚାଲିଛି, ତାହାକୁ କବି ଦେଖାଇବାକୁ ଯାଇ ଲେଖିଛନ୍ତି —

"ଡାକ୍ତରଖାନାରେ ଔଷଧ ନାହିଁ ବଢ଼ୁଛି ଏଣୁଆ ରୋଗ
ତହିଁ ସଙ୍ଗେ ସଙ୍ଗେ ଡାକ୍ତରଙ୍କର ବଢ଼ୁଛି ହାତର ଭୋଗ ।
ଓକିଲମାନଙ୍କ ସଂଖ୍ୟା ବଢ଼ିଅଛି, ବଢ଼ିଅଛି ତାଙ୍କ ଫେଶ
ଅକସ୍ମାତେ ବଢ଼ି ଲୋକଙ୍କର ଜମିରେ ବଢ଼ୁଛି ବେଣା ।"

ଏହାପରେ ସେ କାହାକୁ ସମାଲୋଚନା ନ କରି ରହି ନାହାନ୍ତି । ସେ କହିଛନ୍ତି —

"ବଢ଼ିଅଛି କେତେ ନୂଆ ନୂଆ ବଢ଼ିଛି ଅମିତ ସଭା ।" କିନ୍ତୁ "ସବୁଠାରୁ ବେଶି କଟକ ସହରରେ ବଢ଼ିଛି ମଇଳା ପାଣି ।" ଇତ୍ୟାଦି ଲେଖି କବି ଗୋଟିଏ ବାସ୍ତବ ଚିତ୍ର ରୂପାୟନ କରିଛନ୍ତି । ଏହାକୁ ପାଠକଲେ ଲବ୍ଧପ୍ରତିଷ୍ଠ ହାସ୍ୟକବି ଶାସ୍ତ୍ରୀ ଗୋଦାବରୀଶ ମହାପାତ୍ରଙ୍କ "ନାଅଁ ଖିଣ୍ଟା" କଥା

ପଡ଼େ । ତା'ପରେ "ଉଠୁଥା ଉଠୁଥା" କବିତାଟିରେ କବି ଭିକାରୀ ଚରଣ ଆମ ଜାତିର ଉଦ୍ଧକ୍ରିୟା ଧାରାକୁ କଟାକ୍ଷପାତ କରିଛନ୍ତି । ପିଲାଦିନରୁ ସମସ୍ତଙ୍କୁ ଉଠ ଉଠ ଓଡ଼ିଆର ଜାତିତ୍ୱ, ଗୌରବ-ମହତ୍ତ୍ୱ ବୋଧ ପାଏ । ବଡ଼ହେଲେ ତ୍ରିକଷ୍ଟ କରି ନିଜର [illegible]ନତା ଓ ନିଜସ୍ୱ କର୍ତ୍ତବ୍ୟ ହରାଇବସେ । କବି ତେଣୁ କହୁଛନ୍ତି ହେତୁ ଉଠ ଆମ ଜାତି ହତବୁଦ୍ଧି ଓ ହତଶ୍ରୀ ହୋଇଛି । ଯଥାର୍ଥରେ କବି ନିମ୍ନୋକ୍ତ ପଦରେ ସେ ଗୋଟିଏ ବାସ୍ତବ ସତ୍ୟ ଉପସ୍ଥାପନ କରିଛନ୍ତି ।

"ଉଠ ବୋଲି ଯେତେ ଅମ୍ଭେ ଡରକୁଳ କାଟି
ଜାଣି ଜାଣି ସର୍ବେ ଅସି ଅମ୍ଭଙ୍କୁ ଓସନ୍ତି ।
ବହାଗତ ଯେବେ ଉଠେ ନ ପାରିବା ଖାଇ
କାହାକୁ ନିନ୍ଦିବା ନିଜ କର୍ମଦୋଷ ପାଇଁ ।"

ସ୍ୱର୍ଣ୍ଣପ୍ରସୂ ଉତ୍କଳ ଖଣିଜ ଧନରତ୍ନ ଓ ପ୍ରାକୃତିକ ସମ୍ପଦରେ ସମୃଦ୍ଧ । କିନ୍ତୁ ଓଡ଼ିଆ ତା'ର ଦୁର୍ବଳତା ଓ ଅନୁଦ୍ୟୋଗୀତା ହେତୁ ଘରେ ଥାଇ ଉପାସରେ ଶୁଏ ଏବଂ ପ୍ରବାସୀ ଏହା କାଳଯାପନ କରେ । ଏହାଠାରୁ ବଳି ନିନ୍ଦା ଓ ଲଜ୍ଜାର ବିଷୟ କ'ଣ ହୋଇପାରେ ? ଅମ୍ଭମାନଙ୍କୁ ସାହସୀ ଓ ସାଧନନିଷ୍ଠ ହୋଇ ନିଜ ନିଜ କର୍ମସରଣୀରେ ନୂଆ ଶକ୍ତି, ସାମର୍ଥ୍ୟ ଓ ପ୍ରାଣ-ପ୍ରାଚୁର୍ଯ୍ୟ ନେଇ ଅଗ୍ରସର ହେବାକୁ ପଡ଼ିବ । ଏବେ ମଧ୍ୟ ଆମର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଡଃ ହରେକୃଷ୍ଣ ମହତାବ ଓ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୟାନନ୍ଦ ପଟ୍ଟନାୟକ ଯୁବକମାନଙ୍କୁ ସାହସୀ ଓ କର୍ମଠ ହୋଇ ବିପଦ-ସଂକୁଳ କର୍ମପଥରେ ଆଗେଇବାକୁ ଆହ୍ୱାନ ଦେଇଛନ୍ତି । ତେଣୁ ଗୁରୁଣକବି ଭିକାରୀ ଚରଣଙ୍କ ନିଷ୍ଠାପର ମନ୍ତ୍ରୋଚ୍ଚାରଣ ଏବେ ମଧ୍ୟ ଜାତିକୁ ଅଭିମନ୍ତ୍ରିତ କରେ ।

ସ୍ୱର୍ଗୀୟ ଏକାଗ୍ର ଚରଣ ସାହିତ୍ୟରେ କେତେକ ନୂତନ ଅବାଞ୍ଛନୀୟ ପରିବର୍ତ୍ତନ ଓ " ଠକ ସାହିତ୍ୟ ସେବକ "ମାନଙ୍କୁ ସମାଲୋଚନା କରିବା ସଙ୍ଗେ ସଙ୍ଗେ ପ୍ରାଚୀନ ସାହିତ୍ୟର ବିଶେଷତ୍ୱ ଓ ଶ୍ରେଷ୍ଠତା ପ୍ରଦର୍ଶନ କରିଛନ୍ତି । ଆଧୁନିକ ସାହିତ୍ୟର କେତେକ ଦୋଷ ତ୍ରୁଟି ଦେଖାଇ କବି ଗାଇଛନ୍ତି—

"କେବା ସାହିତ୍ୟକୁ କରେଣ ଧନ ଅର୍ଜନ ପନ୍ଥା
ସାହିତ୍ୟ ଅଙ୍ଗରେ ପିନ୍ଧାଉଛନ୍ତି ନାନାଦି କନ୍ଥା ।
ଭାଷା ହୋଇଗଲା ଅଭାଷା, ଭାବ ହେଲା ଅଭାବ
ମାଡ଼ି ବସିଲାଣି ଭାଷାକୁ ଅନ୍ୟ ଭାଷା ପ୍ରଭାବ ।"

ବାସ୍ତବିକ ଆମ ଦେଶରେ ବର୍ତ୍ତମାନ କପରି ଶସ୍ତା ସାହିତ୍ୟର ପ୍ରଚାର ଘଟିଛି, ଭାଷାର ଭାବ ମାଧୁର୍ଯ୍ୟ ଓ ମୌଳିକତା ନ ରହି ଲେଖା ଉପରେ ଅନ୍ୟ ଭାଷାର ପ୍ରଭାବ ପଡ଼ୁଛି ଏବଂ ଉଚ୍ଚ ଓ ମହନୀୟ ଭାବଧାରାର ଅଭାବ ଓ ଦାରିଦ୍ର୍ୟ ଘଟୁଛି, ତାହା ଲେଖକ ଏଠାରେ ବର୍ଣ୍ଣନା କରିଛନ୍ତି । ପ୍ରାଚୀନ ଭାଷାର ଅନାଦର ଯୋଗୁଁ କବି କ୍ଷୁବ୍ଧ ହୋଇଛନ୍ତି । ଆମର ପ୍ରାଚୀନ ସାହିତ୍ୟରେ ଯେପରି ଉତ୍ତୁଙ୍ଗ ଚିନ୍ତାଧାରାର ବିକାଶ, ଉଚ୍ଚ କଳ୍ପନାର ବିଳାସ ଏବଂ ଭାଷା ଓ ଶୈଳୀର ସୂକ୍ଷ୍ମକାରୁକାର୍ଯ୍ୟ ହୋଇଛି, ତାହା ଅପୂର୍ବ ଓ ଅତୁଳନୀୟ । ଏହି ସାହିତ୍ୟ ଏପରି ଅନୁକରଣୀୟ ଯେ ଏହାର ଅନୁକରଣ ସହଜସାଧ୍ୟ ନୁହେଁ । କବି ସରଳ ଓ ସରସ ଭାବରେ ଏହି କଥାକୁ କହିଛନ୍ତି—

"ଯେମନ୍ତ ଅମୂଲ୍ୟ ଯେମନ୍ତ ଲା'ର ଓଜନ ଭାରି
ଟେକୁଲା ନ ହୁଅନ୍ତି ସେ ଧନ ତାକୁ ନେଇ ନ ପାରି ।"

କିନ୍ତୁ ଏହାର ଅନୁଶୀଳନ ଓ ଆଲୋଚନା ନିତାନ୍ତ ଦରକାର । ଏ ଦିଗରେ ଆଳି ରାଜା ବ୍ରଜସୁନ୍ଦରଙ୍କ ପରି ଯେଉଁମାନେ ପାରଦର୍ଶିତା ଲାଭ କରିଛନ୍ତି, କବି ସେମାନଙ୍କୁ ସାଧୁବାଦ କଣାଇଛନ୍ତି । ସେତେବେଳେ ଲବ୍ଧପ୍ରତିଷ୍ଠ ସମାଲୋଚକ ଅଗ୍ରଣୀ ଆର୍ତ୍ତବଲ୍ଲଭ ମହାନ୍ତିଙ୍କର ସାଧନା ବିଷୟରେ କହିବାକୁ ଯାଇ ଲେଖିଛନ୍ତି—

"ଆରତ ପଣ୍ଡିତ ଆରେକ ତାଳ ପତର ପୋଥି
ଖୋଜି ଖୋଜି ତା'ର ମୁହିଁଟି ହୋଇଗଲାଣି ପୋଥି ।"

କିନ୍ତୁ "ଏହାଙ୍କ ପରିକୁ ଆଉ କେହି ଦିଶଇ ନାହିଁ
ପୁରୁଣା ସାହିତ୍ୟ କୁସୁମ ରସ ଗୃହିବା ପାଇଁ ।"

ଆଜିକାଲି ଧର୍ମ-ସଂସ୍କାର ନାମରେ ଅନେକ ଅନାଚାର ଓ ଅଧର୍ମର ପ୍ରସାର ଘଟିଛି । ଜାତି ପ୍ରଥା ଦୂର କରିବାକୁ ଇଚ୍ଛାକରି ବେଶି ଜାତିଭେଦ ବୃଦ୍ଧିପାଉଛି; ସଙ୍କୀର୍ଣ୍ଣତା ଦୂର କରିବାକୁ ଇଚ୍ଛା କରି ବେଶି ଦଳଗତ ଓ ବ୍ୟକ୍ତିଗତ ସଙ୍କୀର୍ଣ୍ଣତା ଓ ସ୍ୱାର୍ଥାନ୍ଧତା ପ୍ରସରି ଯାଇଛି । କବି ଯଥାର୍ଥରେ କହିଛନ୍ତି—

"ସଙ୍କୀର୍ଣ୍ଣତା ଦୂର ପାଇଁକି ଯେତେ ଶୁଭେ ଚହଳ
ସ୍ୱାର୍ଥ ସଙ୍କୀର୍ଣ୍ଣତା ବିକାଶ ପୁଣି ହୁଏ ପ୍ରବଳ ।"

କବି ସେହିପରି "ସମାଜ ସଂସ୍କାର"ରେ ସମାଜ ସଂସ୍କାର ଆଇନ ଓ ତା'ର ଆବଶ୍ୟକତା ସମ୍ବନ୍ଧରେ ପ୍ରଶ୍ନ କରିଛନ୍ତି । ବାଲ୍ୟ ବିବାହ, ବିଧବା ବିବାହ, ଯୌତୁକ ପ୍ରଥା ବିଷୟରେ ବର୍ତ୍ତମାନ ପରିବର୍ତ୍ତିତ ପରିସ୍ଥିତିରେ ନିଜର ମନୋଭାବ ପ୍ରକାଶ କରିଛନ୍ତି। କାରଣ, ସାଆନ୍ତଙ୍କ ଉପ ବର୍ତ୍ତମାନ ଅର୍ଥନୀତିକ ସ୍ରୋତରେ ପାଣି ପାଚିଗଲାଣି । ତେଣୁ କବି କହନ୍ତି—

''ଉତ୍କଳେ ହାଣ୍ଡି ଗଲାଣି ଲଭ ସେ କୋଠି ଉପ
ଦେଉ ଗୁଣି କଂସାକି ଅଲଣା ହୁଚ୍ଛି ହେଲାଣି ଭ୍ରମ ।''

ଆଧୁନିକ ସମାଜରେ ଭାଇ ଭଉଣୀ, ବାପ ପୁଅ, ଶାଶୁ ବୋହୂ ପ୍ରଭୃତିଙ୍କ ମଧ୍ୟରେ ଥିବା ସ୍ନେହମୟ ସାମାଜିକ ବନ୍ଧନ ଶିଥିଳ ହୋଇଯାଉଛି । ପୂର୍ବେ ଉତ୍କଳୀୟ ପ୍ରେମ-ପ୍ରୀତିର ସେ ନିଗୂଢ଼ ବନ୍ଧନରେ ସମସ୍ତେ ଆବଦ୍ଧ ଥିଲେ । ତେଣୁ କବି ବ୍ୟଙ୍ଗ କରି କହିଛନ୍ତି—

''ଭାଇର ସମାଜ ବନ୍ଧନ ନାହିଁ ଭଉଣୀଠାରେ
ବାପ ମାଆ ବୁଢ଼ା ହେଲେଣି ତାଙ୍କୁ କିଏ ପଚାରେ ।''

ବିଗତ ବିଶ୍ୱଯୁଦ୍ଧର ଚତୁର୍ଦ୍ଦିଗରେ ଅଶାନ୍ତି, ହାହାକାରର କୋଳାହଳ, ଦୁର୍ଭିକ୍ଷ ଓ ଅମୂଲ୍ୟ ବସ୍ତୁର ଧ୍ୱଂସ ସାଧନ କବିଙ୍କ ମନରେ ସୃଷ୍ଟି କରିଛି ବ୍ୟଥା ଓ ବେଦନାର ନିର୍ଝର । ବିଜ୍ଞାନର କୋପ ଏବଂ ଏହାର ଅସତ୍ ବ୍ୟବହାର ମାନବ ଜାତିକୁ ବିପଦ-ସଙ୍କୁଳ ପରିସ୍ଥିତିରେ ପକାଇଛି । କବି ତେଣୁ ଦୁଃଖ ପ୍ରକାଶ କରି କହିଛନ୍ତି—

''ମନୁଷ୍ୟ ସଭାରେ ନାହିଁ ତିଳେ ଭ୍ରାନ୍ତି
ଦେଖିଲ ଜଗତେ କି ଘୋର ଅଶାନ୍ତି । × × ×
ନିଜକନେ କରି ବିଜ୍ଞତା ଅର୍ଜନ
ମୃତ୍ୟୁଯନ୍ତ୍ର ଖୋଲି କଲେ ଉଦ୍ଭାବନ ।''

ବିଜ୍ଞାନ ମହାମାରୀ ଯନ୍ତ୍ରର ଉଦ୍ଭାବନ ଓ ବୈଜ୍ଞାନିକ ଅଗ୍ରଗତି କବି ମନରେ ସନ୍ଦେହ ଓ ସଂଶୟର ଗମ୍ଭୀର ରେଖାପାତ କରିଛି । ସେ ତେଣୁ ଗାଇଛନ୍ତି—

"ପିପିଲିକା ଯଥା ନିଜ ସୁଖେ ଥାଏ
ପକ୍ଷ ହେଲେ ଉଡ଼ି ଅପେ ଧ୍ୱଂସ ପାଏ ।
ମନୁଷ୍ୟ ସେସନ ଶିଖିଲଣି ଉଡ଼ି
ମନୁଷ୍ୟ ସମାଜ ଯିବ ପରା ବୁଡ଼ି ।"

ଅବଶେଷରେ କବି ସୃଷ୍ଟିକର୍ତ୍ତାଙ୍କଠାରେ ଆତ୍ମସମର୍ପଣ କରିଛନ୍ତି । ସମାଜରେ ଧର୍ମଭାବ ଓ ଈଶ୍ୱର ବିଶ୍ୱାସର ହ୍ରାସ ହେତୁରୁ ସ୍ୱାର୍ଥଲିପ୍ସା ଓ ହିଂସାଭାବ ବୃଦ୍ଧିପାଇଛି । ସେ କିନ୍ତୁ ଆଶାୟୀ ଯେ, ମନୁଷ୍ୟମାନେ ଯେତେବେଳେ ପବିତ୍ର ଚରିତ୍ର ଆଚରଣ କରିବେ, ସମସ୍ତ ଅନୀତି ଅତ୍ୟାଚାରର ଘଟିଯିବ, ବିଶ୍ୱରେ ଶାନ୍ତି ସୁଖର ପ୍ରବର୍ତ୍ତନ ଛୁଟିବ । ଏଥିରେ କବି ଅଶ୍ୱସ୍ତ ହୋଇ ଗାଇଛନ୍ତି—

"ପ୍ରକୃତିର ଗତି ହୋଇବ ଭିତର
ରୂପ ଫେରିଯିବ ଏହି ପୃଥିବୀର ।
ଶାନ୍ତି ଅବତାର ଜନ୍ମିବ ଜଗତି
ଅଶାନ୍ତି କାଳିମା ଯିବ କ୍ରମେ ହଟି ।"

ମାନବ ସମାଜ ପାଇଁ ମଙ୍ଗଳମୟ ବିଶ୍ୱ-ପିତାଙ୍କର ଆଶୀର୍ବାଦ ଭିକ୍ଷା କରି କବି କହିଛନ୍ତି—

"କର କୃପା ପ୍ରଭୁ ତୁମ୍ଭ କଲ୍ୟାଣରୁ
ଏ ଘୋର ଅଶାନ୍ତି ଦୂରୁ ଜଗତରୁ ।"

ମାନବବାନ୍ଧବ କବିଙ୍କର ଏହି ଶୁଭେଚ୍ଛା ଓ ଆଶାବାଣୀ ଆଜିର ଅଶାନ୍ତିମୟ ଓ ସନ୍ତ୍ରସ୍ତ ବିଶ୍ୱରେ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । କେବେ ସେହି ଆଶାୟୀ କବିଙ୍କ ମନସ୍କାମନା ପୂର୍ଣ୍ଣହେବ ?

୧୯୦୮ ମସିହାରେ କବି ଭିକାରୀଚରଣ ପଟ୍ଟନାୟକ "ଆଜ ଆମ ଦେଶ" ଶିରୋନାମାରେ ଅନେକ ଜାତୀୟ ସମସ୍ୟାକୁ ଆଲୋଚନା କରିଛନ୍ତି । କବି ପ୍ରଥମେ "ବୀରତ୍ୱ" ପ୍ରକାଶରେ କିପରି ଆମ ଦେଶ ବହୁତ ପରାଙ୍ମୁଖ ହୋଇଛି ତାହା ବର୍ଣ୍ଣନା କରିଛନ୍ତି । ଅତୀତ ଉତ୍କଳ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ଏବଂ ଶିଳ୍ପ ବାଣିଜ୍ୟରେ ସମୃଦ୍ଧ ଥିଲା କେବଳ ଏହି ବୀରତ୍ୱ ଓ କର୍ମପ୍ରବଣତା ଯୋଗୁଁ । ବର୍ତ୍ତମାନ କିନ୍ତୁ ବାକ୍ୟବୀରମାନଙ୍କରେ ଦେଶ ଭରପୂର ହୋଇଛି । ତେଣୁ ସେ ଦେଶବାସୀଙ୍କୁ ଏକତାବଦ୍ଧ ହୋଇ ବୀର ପରି ଜାଗି ଉଠିବାକୁ ଆହ୍ୱାନ କରିଛନ୍ତି ।

"ଉଠ ହେ ଉଠ ହେ ଓଡ଼ିଆ, ବୀର ଉଠ ହେ ମାତ
ଦେଶ ଲୋଡ଼ିଲାଣି ତୁମକୁ ଉଠ ଫୁଲାଇ ଛାତି ।
ଭାଇ ଭାଇ କଳି କଳହ ଭୁଲିଯାଅ ସକଳ
ସର୍ବେ ମିଳି ମିଶି ଦେଖାଅ ନିଜ ବଳ କୌଶଳ ।"

ସେହିପରି ପୂର୍ବର "ଶିଳ୍ପ" ନୈପୁଣ୍ୟ ଏବେ ମଧ୍ୟ କବିଙ୍କ ମନର ଗଗନରେ ଉତ୍କୀର୍ଣ୍ଣ ହୋଇ ରହିଛି । "ଉତ୍କଳ କଳାରୁ ଉତ୍କଳ ନାମ ଅଛି ଅଗରୁ ।" ଏହାର ଗୃହକଳା ଓ ବାସ୍ତୁକାର୍ଯ୍ୟ ଜଗତରେ ଶ୍ରେଷ୍ଠ ହୋଇଥିଲା । କିନ୍ତୁ ଆଜି ସେସବୁ ନାହିଁ । ବାଣିଜ୍ୟରେ ସାଧବ ପୁଅର ଦକ୍ଷତା ମଧ୍ୟ ଅସାଧାରଣ ଥିଲା । "ବୋଇତ ବନ୍ଦାଣ" ପ୍ରଭୃତି କେତେକ ସ୍ମୃତି କେବଳ ଆଜି ଓଡ଼ିଆକୁ ତାହା ଚେତାଇଦିଏ ।

ତରୁଣ କବି ଭିକାରୀଚରଣ ଅନେକ ସମୟରେ ସମାଜର ଉପଯୋଗୀ ଅନେକ ପୁସ୍ତିକା ପଦ୍ୟାକାରରେ ଲେଖି ପ୍ରକାଶ କରିଥିଲେ । ସେଥିରେ ଆମେ ତାଙ୍କୁ ଜଣେ ବ୍ୟଙ୍ଗକାର ବା

ସମାଲୋଚକ ରୂପରେ ନ ଦେଖି ଜଣେ ଉପଦେଷ୍ଟା ଓ ପରାମର୍ଶଦାତା ଭାବରେ ଗ୍ରହଣ କରିବା । ସେ 'କୁଟୀରଶିଳ୍ପ', 'ସହଯୋଗ', 'ଚଷାଭାଇ', 'ଗୋପାଳ' ପ୍ରଭୃତି ପୁସ୍ତିକାଗୁଡ଼ିକ ମାଧ୍ୟମରେ ସମାଜର ଅତୀବ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକୁ ଆଲୋଚନା କରିଛନ୍ତି ଏବଂ ଅଶିକ୍ଷିତ ଅଜ୍ଞ ଗ୍ରାମବାସୀମାନଙ୍କୁ ବିକାଶର ପଥ ନିର୍ଦ୍ଦେଶ କରିଛନ୍ତି । ଆଜି କାଲି ସରକାରଙ୍କ ତରଫରୁ ଏପରି ଚେଷ୍ଟା କରାଯାଉଛି । କିନ୍ତୁ ତାହା ସେପରି ହୃଦ୍ୟ ଓ ମନୋଜ୍ଞ ହୋଇପାରୁନାହିଁ । କବି ଉତ୍କଳାଚରଣ ଲୋକପ୍ରିୟ ଛନ୍ଦରେ ସଙ୍ଗୀତର ସ୍ୱର ଲହରୀ ମଧ୍ୟରେ ଗଠନମୂଳକ ବାର୍ତ୍ତା ପ୍ରଚାର କରୁଥିଲେ ଏବଂ ସୁଦୂର ପଲ୍ଲୀର ଅଧିବାସୀମାନେ ଏହାଦ୍ୱାରା ପ୍ରଭାବିତ ହେଉଥିଲେ । ଏ ସମ୍ପର୍କରେ ସ୍ୱଳ୍ପ ଦୃଷ୍ଟାନ୍ତ ଦେଲେ ଅପ୍ରାସଙ୍ଗିକ ହେବ ନାହିଁ । ସେ ୧୯୩୫ ମସିହାରେ 'ଚଷାଭାଇ' ଶୀର୍ଷକ ପୁସ୍ତିକାଟିରେ ତତ୍କାଳୀନ ନିରୀହ, ନିରନ୍ନ କୃଷିକାରର ଅନ୍ତରର ବାଣୀ ରୂପ ଦେଇଛନ୍ତି । କୃଷକ କପରି ତାକୁ ଝାଳ ନଳପାଣିରେ ପାରି ଫସଲ ଫଳାଇ ଶେଷରେ ଜମିଦାର, ସାହୁକାରର କରଜ ଶୁଝିବାରେ ବା ସେମାନଙ୍କର ଚକ୍ରାନ୍ତରେ ସର୍ବସ୍ୱାନ୍ତ ହୋଇଥାଏ, ତାହା ଦରଦୀ ଲେଖକ ସରସ ଭାବରେ ବର୍ଣ୍ଣନା କରି ଯୁଗୋପଯୋଗୀ କର୍ମପନ୍ଥା ଅବଲମ୍ବନ କରିବାକୁ ତାକୁ ଆହ୍ୱାନ କରିଛନ୍ତି । ତା'ର ଜମିରେ ସେ କେବଳ ଧାନ ଚାଷ ନ କରି ଆଖୁ, ଚିନାବାଦାମ, ଆଳୁ ଓ ପନିପରିବା ପ୍ରଭୃତି ଚାଷ କଲେ କିପରି ଲାଭବାନ ହୋଇପାରିବ, କବି ତାହା ବାସ୍ତବ କରି ବତେଇଛନ୍ତି । ଲକ୍ଷ୍ମୀ ପ୍ରକୃତରେ ଟଙ୍କାର ରୂପ ଦେଖିପାରେ ନାହିଁ । ମହାଜନର ଦେଣା ତାକୁ ସର୍ବଦା ଦୂର କରେ । ତେଣୁ କବି ଗାଇଛନ୍ତି—

"ଟଙ୍କା ଟଙ୍କା ବୋଲି ଖାଲି ଝୁରି ହେଲେ
ଟଙ୍କା ତ ନ ଆସେ ଧାଇଁ
ଟଙ୍କା ଆସିବାର ବାଟ କଲେ ସିନା
ଘରେ ବସି ଟଙ୍କା ପାଇ ରେ
ଟଙ୍କା ଆସିବଟି ଧାଇଁ
ବାଟ କଲେ ସିନା ଟଙ୍କା ପାଇ ରେ
ଟଙ୍କା ଆସିବଟି ଧାଇଁ ।

ତା'ପରେ କବି ଗୋ-ସମ୍ପଦର ଉନ୍ନତି ପାଇଁ ଯତ୍ନ କରିବାକୁ କୃଷକଙ୍କୁ ପରାମର୍ଶ ଦେଇଛନ୍ତି । ସେହି ମହାନ୍ ସମ୍ପଦର ଅବହେଳା କପରି ତା'ର ନିଜର କ୍ଷତି ସାଧନ କରୁଛି, ସେ ତାହା ଦେଖାଇ ଦେଇଛନ୍ତି । 'ସହଯୋଗ' ନାମକ ଏକ କବିତା ପୁସ୍ତିକାରେ ଗ୍ରାମବାସୀଙ୍କର ଐକ୍ୟ ଓ ମୈତ୍ରୀ ପାଇଁ କବି ଆହ୍ୱାନ କରିଛନ୍ତି । ପରସ୍ପର ମଧ୍ୟରେ ବିବାଦ ଓ ମନୋମାଳିନ୍ୟ ରହିବା ଦ୍ୱାରା କପରି ସେମାନଙ୍କର ଶୋଷକ ଓ ଅତ୍ୟାଚାରୀ ଜମିଦାର ଓ ମହାଜନ ଲାଭ ଉଠାଉଥିଲେ, ତାହା ଲେଖକ ଆଲୋଚନା କରିଛନ୍ତି । ଅବସର ସମୟରେ କୁଟୀର ଶିଳ୍ପ, ଅନେକ ପ୍ରକାର ଲାଭଜନକ କୃଷି, ସ୍ୱାସ୍ଥ୍ୟ ଉନ୍ନତି ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସହଯୋଗ ନୀତିରେ କଲେ, ସେମାନେ ବିପଦ-ଜାଲରୁ ମୁକ୍ତ ହୋଇ ଅଧିକ ସୁଖୀ, ସମୃଦ୍ଧ ଓ ସୁସ୍ଥ ହୋଇପାରିବେ । ତାହା କବି ବ୍ୟାବହାରିକ (**Practical**) ଦୃଷ୍ଟିକୋଣରୁ ବର୍ଣ୍ଣନ କରି ଉପଦେଶ ଦେଇଛନ୍ତି ।

ସେ ଭଟ ପରି ଗାଇ ଉଠିଛନ୍ତି—

"ଗାଆଁରେ ଭାଇଏ ସବୁ ହୋଇ ଏକପ୍ରାଣ
ଏକମନେ ହେବ ନିଜ ଗାଆଁର କଲ୍ୟାଣ

ସତ୍ଯୋଗ ମାତ୍ର ଧର
ଯେ ଯାହା ପାରିବ ପାଞ୍ଚଭାଇ ମିଶି କର ।
ଗ୍ରାମର ପଚିଶ ଭାଇ ହେବେ ଯେବେ ଏକ
ସବୁଦିନେ ସବୁଠାରେ ରହୁଥିବ ଟେକ
ଏକତାହିଁ ମହାବଳ
ଏକତା ଅଭାବେ ସବୁ ହୁଅଇ ବିଫଳ ।”

କବି ଏସବୁଥିରେ ମନ୍ତ୍ରଦାତା କବି ଯେପରି ଭାବରେ ଗ୍ରାମବାସୀଙ୍କୁ କର୍ମତତ୍ପର ହେବାକୁ ଆହ୍ୱାନ କରିଛନ୍ତି, ତାହା ଅତ୍ୟନ୍ତ ଦୁର୍ଲ୍ଲଭ । ହାତର ମହତ୍ତ୍ୱ ତାଙ୍କର କୃତିରେ ଅପୂର୍ବ ଭାବରେ ଅଭିବ୍ୟକ୍ତ । ବାସ୍ତବରେ ବିଶ୍ୱସୃଷ୍ଟିର ସମସ୍ତ ସଂସ୍ଥା, ଅନୁଷ୍ଠାନ ଓ କୃତି ଏହି କର୍ମ୍ମଦକ୍ଷ ଅସ୍ତ୍ରଦ୍ୱାରା ରୂପ ନିଏ । କବି ତେଣୁ ‘ହାତ’ ଶୀର୍ଷକ ଏକ କବିତାରେ କହନ୍ତି :—

“ନିତି ନିତି ଯାହା ଯେତେ ଦେଖୁଅଛ
କେ ଗଣିବ ସେ ସକଳ
ସବୁଥିରେ କିନ୍ତୁ ପୂର୍ଣ୍ଣ ରହିଅଛି
ଏହି ହାତ କଉଶଳ ।
ହାତ ଗୁଣେ ଆମ୍ଭ ପୂର୍ବଜ ପୁରୁଷେ
ଲଭିଥିଲେ ଧନେ ଖ୍ୟାତି
ହାତ କରାମତି ନ ଚହ୍ନି ଏବକୁ
ହେଲୁ ଆମ୍ଭେ ହୀନ ଜାତି ।”

ଏହିପରି କବି ଅଧିକାଂଶ କବିତାରେ ହାତର ଗୁଣଗାନ କରି ସମସ୍ତଙ୍କୁ ‘ହାତ’ ଚଳାଇବା ପାଇଁ ନିବେଦନ କରିଛନ୍ତି । ସେ ବେକାର ଯୁବକମାନଙ୍କୁ ଥରେ ବ୍ୟଙ୍ଗ କରି କହିଥିଲେ,

"ସ୍ୱାଦ ନିମାଳିନଂ ଯାନ
ଦାଉ ଦେଖାଇନ୍ତା ଯାଙ୍କ ରସିଥିଲେ
ଅହ୍ନି ପିବ ଅହ୍ନି ନାଉ ।"

ଏବେର ପାଠ ଏ ରାଣୀଙ୍କ ନୃତ୍ୟ କର୍ ନାହିଁ । ଉନ୍ନତ ଦେଶର ଲୋକମାନେ କିପରି ଶରୀରର ପ୍ରତି ଗୋଟିଏ ଅଂଶର ଉତ୍କର୍ଷସାଧନ କରି ସ୍ୱାମୃତ୍ୱ ଓ ପାରଦର୍ଶିତା ଲାଭ କରିଛନ୍ତି, ତାହା ଦେଖାଇବାକୁ ଯାଇ ଜର୍ମାନ ପଣ୍ଡିତ ଏକସ୍ଥାନରେ କହନ୍ତି । "Nature has given a body, every part of which is capable of culture in a manner which would place him above wants of life, if not in a position of affluence. In Europe, for instance, nations have learnt to a high state of culture of the different parts of the body. The French have cultivated their eyes and their tongue and the result is France dictates fashion to the world and supplies the most expensive cooks to the world, the German has cultivated his sense of hearing and the result is Germany supplies all musical instruments to the world the Italian has cultivated his throat and the best vocal musicians come from Italy. India has yet to learn this." ଅର୍ଥାତ୍ ଭାରତୀୟ ତଥା ଓଡ଼ିଶାବାସୀମାନେ ଅନ୍ୟମାନଙ୍କ ପରି ଶରୀରର ଗୋଟିଏ ଅଙ୍ଗର ଦକ୍ଷତା ଦିଗରେ ମନୋଯୋଗ ଦେବା ଉଚିତ । ନାନାପ୍ରକାର ଚିତ୍ରାଙ୍କିତ ବସ୍ତ୍ରକୁ ହିଁ ଏଥିପାଇଁ ଜାଣିଥିଲେ କହନ୍ତି । କାରଣ ଓଡ଼ିଆ ଓ ଭାରତରେ ହସ୍ତଶିଳ୍ପ ଚିତ୍ରକଳା ସଙ୍ଗୀତ ତଥା ସାଂସ୍କୃତିକ ଐତିହ୍ୟ ରହିଛି । ଏ ଦିଗରେ ହିଁ ଆମ ଶରୀରର ଉନ୍ନତି ହେବାର ସମ୍ଭାବନା ରହିଛି ।

"ଅଭଙ୍ଗା କଣ୍ଢେଇ" ନର୍ଯାତା ଭିକାମ୍ବନରଣ ଅଙ୍କ ଗୁଞ୍ଚି ଟଉ଼ଛନ୍ତି । ତାଙ୍କର ପ୍ରତ୍ୟେକ କର୍ମ ସଙ୍ଗୀତ ପଛରେ ନିଜର ଜୀବନ-ଦର୍ଶନ ଅନ୍ତର୍ନିହିତ । ସେ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ବୃଦ୍ଧ ହୋଇ ମଧ୍ୟ ନିରଳସ ଓ କର୍ମତତ୍ପର ଥିଲେ । ସେ ଯେତେବେଳେ ଯାହା ଭାବିଛନ୍ତି ନିର୍ଭୟରେ କହୁଛନ୍ତି ଓ ଲେଖି ପକାଉଛନ୍ତି । ତାଙ୍କ କବିତାରେ ଆମେ କବିତ୍ୱପୂର୍ଣ୍ଣ ଭାଷାର ମାଧୁର୍ଯ୍ୟ ଓ ଗାମ୍ଭୀର୍ଯ୍ୟ କିମ୍ବା ଭାବର ଐନ୍ଦ୍ରଜାଲିକ ରୂପ ପାଇବା ନାହିଁ । କିନ୍ତୁ ତାଙ୍କର କୃତିତ୍ୱରେ ଆମେ ଏକପ୍ରକାର ସ୍ୱାତନ୍ତ୍ର୍ୟ, ମୌଳିକତା, ସାରଲ୍ୟ, ମଧୁର ହାସ୍ୟ ଓ ବ୍ୟଙ୍ଗର ମଞ୍ଜୁଳ ସମନ୍ୱୟ ଦେଖିବାକୁ ପାଉଁ । ସମାଜର ନିଚ୍ଛକ ଚିତ୍ର ସୁନ୍ଦର ଓ ସରସ ଭାବରେ ରୂପାୟିତ । ଯଥାର୍ଥରେ ସେ "ଅବସାଦ ବାଣୀ"ରେ ଗାଉଛନ୍ତି—

"ଯେବେ ଯା' ଦେଖିଛି ଯେଉଁ ଖେଳରେ
ଲେଖି ଯାଇଅଛି   ଫିଟାଇ ଦେଇଛି
ମେଲଣି ତାଙ୍କୁଣୀ ଖୋଲ ଚଉହର ।

ଗାଡ଼ ନାହିଁ ଗ୍ରାମ କୁଟୀର କଥ
ଭିକାରି କୁଢ଼ଅ   ପ୍ରମୋଦ ପଡ଼ଅ
ରାଜପ୍ରାସାଦର ଅନ୍ଧାରି ସନ୍ଧି ।" × × ×

ଲେଖାଗୁଡ଼ା କେହି ପଢ଼ିବେ ଯେବେ
ସମାଜ ଭିତରେ   ଭେଦ କିଛି କିଛି
ବୁଝିବେ ସହଜେ ହେଜିବେ ତେବେ ।

କିନ୍ତୁ ଜାଣେ କେହି ଚହିଁବେ ନାହିଁ
ପଢ଼ିଲେ ଚିଡ଼ିବେ   କେହି ବା ଡୁଡ଼ବେ
ଭିଡିବେ ସେଗୁଡ଼ା ପୋଡ଼ିବା ପାଇଁ ।"

ବାସ୍ତବରେ ଭିକାରୀଚରଣ ତାଙ୍କର କୃତିଗୁଡ଼ିକରେ ଯେପରି ଅକୁତୋଭୟ, ଆତ୍ମ-ସମାଲୋଚନା ଓ ସହାନୁଭୂତି ପ୍ରଦର୍ଶନ କରିଛନ୍ତି ତାହା ଅସାଧାରଣ ।

ଚରଣ ବାବୁଙ୍କର ଏହିସବୁ ସମୟୋପଯୋଗୀ କବିତା ଅନେକ ସଂଖ୍ୟାରେ ତତ୍କାଳୀନ ପ୍ରସିଦ୍ଧ ପତ୍ରିକା 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇଥିଲା । ସତ୍ୟସନ୍ଧ ବିଶ୍ୱନାଥ କର ଏହିପରି କବିତା ଲେଖିବା ପାଇଁ ତାଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଉଥିଲେ । ସରଳ ସାବଲୀଳ ଭାଷା ଓ ସ୍ୱକୀୟ ଶୈଳୀରେ ସେଗୁଡ଼ିକ ଆତ୍ମପ୍ରକାଶ କରି ସମାଜରେ ପ୍ରଭୂତ ପ୍ରଭାବ ବିସ୍ତାର କରିଥିଲା । ସାମାଜିକ ଅନ୍ୟାୟ ଅତ୍ୟାଚାର ଓ କୁମତ କୁସଂସ୍କାରକୁ ସେ ତାଙ୍କର ଆଗ୍ନେୟ ବିଦ୍ରୋହ, ସରସ ହାସ୍ୟ, ତୀକ୍ଷ୍ଣ ବ୍ୟଙ୍ଗବିଦ୍ରୂପ, ଭର୍ତ୍ସନା ମଧ୍ୟରେ କୂଟ ସମାଲୋଚନା କରିଛନ୍ତି । ପ୍ରଖ୍ୟାତ ସାହିତ୍ୟିକ ଶଶିଭୂଷଣ ରାୟ ଯଥାର୍ଥରେ କହିଥିଲେ, "ଏଗୁଡ଼ିକ ପଢ଼ି କେତେବେଳେ ହସିବାକୁ, କେତେବେଳେ କାନ୍ଦିବାକୁ, କେତେବେଳେ ମାଡ଼ି ଯିବାକୁ ହୋଇଥାଏ । ଶ୍ରାବଣର ଅନର୍ଗଳ ବର୍ଷଣ ଉପରୁ ନବ ଭାନୁର କିରଣ ଯେପରି ମଧୁର, କଣ୍ଟକ ବେଷ୍ଟିତ ଗୋଲାପର ସୌରଭ ଯେପରି ମିଷ୍ଟ, ଏ କବିତାଗୁଡ଼ିକ ସେହି ଲକ୍ଷଣାକ୍ରାନ୍ତ ବୋଲି ସର୍ବଦା ପ୍ରତୀୟମାନ ।" ବାସ୍ତବରେ ଏପରି କବିତା ଲେଖି ସେ ଅନେକଙ୍କର କୋପ ଦୃଷ୍ଟିରେ ପଡ଼ିଥିଲେ । କିନ୍ତୁ ନିରପେକ୍ଷ ସତ୍ୟବ୍ରତୀ କାହାରି ପ୍ରତି ଭ୍ରୂକ୍ଷେପ କରିନାହାନ୍ତି । ତାଙ୍କର ସରସ ବ୍ୟଙ୍ଗାତ୍ମକ କବିତା ଦ୍ୱାରା ପ୍ରଭାବିତ ହୋଇ ବିଖ୍ୟାତ ହାସ୍ୟରସିକ କାନ୍ତକବି ଲକ୍ଷ୍ମୀକାନ୍ତ କେତେ ଦିନେ ଏହି ଧାରାରେ ଲେଖିବାକୁ ଆରମ୍ଭ କରିଥିଲେ ତାହା ସେ ଥରେ ସ୍ୱୀକାର କରିଥିଲେ ।

ସଫଳ କାମ ଓ କୁଶଳୀ ବ୍ୟକ୍ତିତ୍ୱର ଜୀବନର ପ୍ରକାଶଚିତ୍ରଣ ଚିର ସ୍ମରଣୀୟ ହୋଇ ରହିଛି । ସେହି କବିତାଗୁଡ଼ିକ ପ୍ରାଚୀନ ହେଲେହେଁ, ଅତୀତର ପୃଷ୍ଠ ଭୂମିକାରେ ରଚିତ ହୋଇଥିଲେହେଁ, ସେଗୁଡ଼ିକ ଚିର ନୂତନ ଓ ଗୁରୁତ୍ୱପୂର୍ଣ୍ଣ ।

ଜୀବନ ସନ୍ଧ୍ୟାରେ ମଧ୍ୟ ଏହି ବୃଦ୍ଧ କବିଙ୍କର କଣ୍ଠ ରୁଦ୍ଧ ହୋଇ ନ ଥିଲା । ସେ ତାଙ୍କର କ୍ଷୀଣ ସ୍ୱରରେ କେତେ କଥା ଗାଇଯାଇଛନ୍ତି । କିନ୍ତୁ ତାକୁ କିଏ ଶୁଣୁଛି ? ତାଙ୍କ ଆଖିକୁ ଭଲ ଦେଖାଯାଉ ନ ଥିଲେହେଁ ଛିଣ୍ଡା କାଗଜରେ କେତେ କ'ଣ ଲେଖି ପକାଉଥିଲେ । ସେସବୁଡ଼ିକ ଘରଯାକ ଖେଳାଇ ହୋଇ ପଡ଼ିଛି । ତାକୁ ପଢ଼ିଲେ କାହାକୁ ହସ ଲାଗିବ, କେହି ରାଗିବ; କିନ୍ତୁ ତା' ପ୍ରତି କବିଙ୍କର ଭ୍ରୂକ୍ଷେପ ନ ଥିଲା ।

ସେ ସ୍ପଷ୍ଟ ଭାବରେ କହିଛନ୍ତି -

ମଲା ପରେ ଘର ଝାଡ଼ିବାବେଳେ
ଏଣେତେଣେ   ବିଞ୍ଚିବିଞ୍ଚି ପଡ଼ି
ଖୋଜିଲେ ସର୍ବସ୍ୱ ମିଳିବ ନେହଲେ ।
ପଢ଼ି ଦେଖି କେହି ଶୁଣିବେ କେବେ
ହସନ୍ତୁ କି ଅବା   ରୁଷନ୍ତୁ ସେ ଚିନ୍ତା
ଭୁଲିବ ମୋ ଶ୍ରମ ସଫଳ ତେବେ ।"

ଏହି ଅବହେଳିତ କବିଙ୍କର କବିତାଗୁଡ଼ିକର ପ୍ରକାଶନ ହେଲେ, ତାଙ୍କର ଅମର ପ୍ରତିଭାର ଯଥାର୍ଥରେ ପୂଜା ହୋଇ-ପାରନ୍ତା ଏବଂ ଦେଶବାସୀ ଉପକୃତ ହୁଅନ୍ତେ । ଏ ଦିଗରେ ଓଡ଼ିଆ ଜାତି ତଥା ଜାତୀୟ ସରକାର ପୂର୍ଣ୍ଣ ପ୍ରାଣରେ ସଚେଷ୍ଟ ହେବେ ବୋଲି ଆଶା ଓ ଅନୁରୋଧ ।